# ପ୍ରଦେଶ ବାର୍ତ୍ତା

pradeshbartta.in

PRADESH BARTTA
PRGI Regd. No. ORIORI/26/A2339

Odia Monthly

ବର୍ଷ - ୧, ସଂଖ୍ୟା-୧, ଜୁନ ୧ - ଜୁନ ୩୦, ୨୦୨୬, ଓଡ଼ିଆ ମାସିକ, ବାଲେଶ୍ୱର, ପୃଷ୍ଠା - ୮, ମୂଲ୍ୟ - ୫ ଟଙ୍କା

Vol.1, Issue-1, June 1 - June 30, 2026, Odia Monthly, Baleshwar, Pages-8, Price-Rs.5.00


ଭିତରେ...


'ଇବୋଲା': ସଂକ୍ରମଣ ଓ ସତର୍କତା

ବନ୍ୟଜନ୍ତୁ ଶିକାର ତଥ୍ୟ ସତ୍ୟ ତ ?

ବିକାଶ ଏଠି ବାଟବଣା !

ବିପନ୍ନ ହେଉଛି ଶିଶୁଙ୍କ ଭବିଷ୍ୟତ

ପରୀକ୍ଷା ବିନା ପାସ୍ ହେଉଛି ବିଲ୍

ଆବର୍ଜନା କୁଣ୍ଡ ବଣ୍ଟନରେ ଅନିୟମିତା





# ଦରମା ମୋଟା ସଫଳତା ପତଳା

**ବାଲେଶ୍ୱର:** ଗତ ମେ' ୩ ତାରିଖରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ତଥା ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳ ବାଲେଶ୍ୱର ଜିଲ୍ଲା ପାଇଁ ଏକ ଦ୍ୱନ୍ଦ୍ୱାତ୍ମକ ଚିତ୍ର ଆଣିଦେଇଛି। ଗୋଟିଏ ପଟେ ଜିଲ୍ଲାରୁ ସର୍ବାଧିକ ୩୦୫ ଜଣ ଛାତ୍ରଛାତ୍ରୀ ଏ-ୱାନ ଗ୍ରେଡ୍ ଅର୍ଥାତ୍ ୯୦ ପ୍ରତିଶତ (୪୫୦ ନମ୍ବର)ରୁ ଅଧିକ ମାର୍କ ରଖି ସମଗ୍ର ରାଜ୍ୟରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ମାତ୍ର ଅନ୍ୟ ପଟେ, ଏହି ଉଜ୍ଜ୍ୱଳ ସଫଳତାର ପଛରେ ଲୁଚି ରହିଛି ଏକ ନିରାଶାଜନକ ବାସ୍ତବତା। ଜିଲ୍ଲାର ପ୍ରାୟ ୭୦% ପ୍ରତିଶତ ହାଇସ୍କୁଲରୁ ଜଣେ ହେଲେ ବି ଛାତ୍ରଛାତ୍ରୀ ଏ-ୱାନ ଗ୍ରେଡ୍ ହାସଲ କରିବାରେ ସକ୍ଷମ ହୋଇପାରିନାହାନ୍ତି। ଏତେ ବଡ଼ ସଂଖ୍ୟାରେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ବିଫଳ ହେବା ଘଟଣା ଏବେ ଶିକ୍ଷାବିତ୍, ଅଭିଭାବକ ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ତୀବ୍ର ଉଦବେଗର କାରଣ ପାଲଟିଛି।

ପରିସଂଖ୍ୟାନକୁ ଟିକିନିଖି ଅନୁଧ୍ୟାନ କଲେ ଏହି ଶିକ୍ଷାଗତ ବିପର୍ଯ୍ୟୟର ଚିତ୍ର ଅଧିକ ସ୍ପଷ୍ଟ ହୋଇଥାଏ। ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାରେ ଥିବା ମୋଟ ୫୨୪ଟି ହାଇସ୍କୁଲରୁ ୨୯ ହଜାର ୭୧୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ଏହି ୫୨୪ଟି ବିଦ୍ୟାଳୟ ମଧ୍ୟରୁ ୩୭୨ଟି ହାଇସ୍କୁଲର ଫଳାଫଳ ଅତ୍ୟନ୍ତ ଶୋଚନୀୟ, ଯେଉଁଠାରୁ ଏ-ୱାନ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ଶୂନ ରହିଛି। ସେହିପରି ଅନ୍ୟ ୮୮ଟି ହାଇସ୍କୁଲର ସ୍ଥିତି ମଧ୍ୟ କିଛି ଖାସ୍ ନୁହେଁ, କାରଣ ସେଠାରୁ ମାତ୍ର ଜଣେ ଲେଖାଏଁ ଛାତ୍ରଛାତ୍ରୀ ଏହି ସର୍ବୋଚ୍ଚ ଗ୍ରେଡ୍ ପାଇବାରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ତଥ୍ୟ ସ୍ପଷ୍ଟ ପ୍ରମାଣ କରୁଛି ଯେ ଜିଲ୍ଲାରେ ଯେଉଁ ରେକର୍ଡ ସଂଖ୍ୟକ ଏ-ୱାନ ଛାତ୍ରଛାତ୍ରୀ ବାହାରିଛନ୍ତି, ତାହା କେବଳ ହାତଗଣତି କିଛି ନିର୍ଦ୍ଦିଷ୍ଟ ବିଦ୍ୟାଳୟର ସଫଳତା ଏବଂ ଜିଲ୍ଲାର ବୃହତ୍ତର ଗ୍ରାମୀଣ ଶିକ୍ଷା ବ୍ୟବସ୍ଥା ଏବେବି ଅନ୍ଧକାରରେ ଛନ୍ଦି ହୋଇ ରହିଛି।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଜିଲ୍ଲା ସଦର ମହକୁମାରେ ଥିବା ପୁରାତନ ତଥା ନାମକରା ସ୍କୁଲଗୁଡ଼ିକର ଶୋଚନୀୟ ଅବସ୍ଥା। ଜିଲ୍ଲାର ଅନ୍ୟତମ ପ୍ରାଚୀନ ଶିକ୍ଷାନୁଷ୍ଠାନ ବାରବାଟୀ ବାଳିକା ଉଚ୍ଚବିଦ୍ୟାଳୟରେ ଏ-ୱାନ ସଂଖ୍ୟା ଶୂନ ଥିବାବେଳେ, ପ୍ରସିଦ୍ଧ ଟାଉନ୍ ହାଇସ୍କୁଲରୁ ମାତ୍ର ଜଣେ ପିଲା ଏହି ଗ୍ରେଡ୍ ପାଇଛନ୍ତି। କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳର ପ୍ରମୁଖ ସ୍କୁଲଗୁଡ଼ିକର ଅବସ୍ଥା ମଧ୍ୟ ସମାନ। ରେମୁଣାର ସାହୁପଡ଼ା ହାଇସ୍କୁଲ, ଭିୟୁଏଫ୍ ବିଦ୍ୟାପୀଠ କାକବରେଇ, ଜନତା ହାଇସ୍କୁଲ କୁରୁଡ଼ା, ସରକାରୀ ବାଳିକା ହାଇସ୍କୁଲ ରେମୁଣା, ଆରମଳା ଜିପି ହାଇସ୍କୁଲ, ଶୋରୋଡ଼ା ଆଦି ସ୍କୁଲ ଏହି ତାଲିକାରେ ରହିଛନ୍ତି। ସେହିପରି ନୀଳଗିରିର ରତ୍ନାକାର ଟାଉନ୍ ହାଇସ୍କୁଲ, ତେଲିପାଳ ହାଇସ୍କୁଲ, ସିମୁଳିଆର ଦାମୋଦର ସରକାରୀ ହାଇସ୍କୁଲ, ମଇତାପୁରସ୍ଥିତ ଭାରତ ସେବାନିଧି ହାଇସ୍କୁଲ, ଅଣ୍ଡରେଇ ହାଇସ୍କୁଲ ଏବଂ ବାଲିଆପାଳ ବାଳିକା ହାଇସ୍କୁଲ ଭଳି ପୁରାତନ ପୀଠଗୁଡ଼ିକ ମଧ୍ୟ ଚଳିତ ବର୍ଷ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ନିରାଶ କରିଛନ୍ତି।



ଶହ ଶହ ସଂଖ୍ୟାରେ ସରକାରୀ ବିଦ୍ୟାଳୟଗୁଡ଼ିକର ଏଭଳି ବିପର୍ଯ୍ୟସ୍ତ ଫଳାଫଳ ଶିକ୍ଷାଦାନର ଗୁଣବତ୍ତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ପୂର୍ବ ସରକାରଙ୍କ ସମୟରେ ସ୍କୁଲଗୁଡ଼ିକର ଉନ୍ନତୀକରଣ କରାଯାଇ କୋଟି କୋଟି ଟଙ୍କା ବ୍ୟୟରେ ଉତ୍ତମ ପାଠପଢ଼ା ନିମନ୍ତେ ଅତ୍ୟାଧୁନିକ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ, ଚକାଚକ୍ କୋଠା ଏବଂ ସ୍ମାର୍ଟ ଭିତ୍ତିଭୂମି ଥାଇ ସୁଦ୍ଧା ଅଧିକାଂଶ ପିଲା ଏ-ୱାନ ତ ଦୂରର କଥା, ୯୦ ପ୍ରତିଶତରୁ ଅଧିକ ମାର୍କ ରଖିବାରେ ବିଫଳ ହୋଇଛନ୍ତି। ବେସରକାରୀ ସ୍କୁଲ ଅପେକ୍ଷା ସରକାରୀ ସ୍କୁଲଗୁଡ଼ିକ ଖରାପ ପ୍ରଦର୍ଶନ କରିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଏହା ସ୍ପଷ୍ଟ କରୁଛି ଯେ କେବଳ ଭିତ୍ତିଭୂମିର ବିକାଶ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିପାରିବ ନାହିଁ, ଏଥିପାଇଁ ଉତ୍ତମ ଶିକ୍ଷାଦାନର ଆବଶ୍ୟକତା ରହିଛି।

ସରକାରୀ ସ୍କୁଲଗୁଡ଼ିକରେ ଖରାପ ଫଳାଫଳ ପାଇଁ ମୁଖ୍ୟତଃ ଶିକ୍ଷକ ଅଭାବ ଏବଂ ଶିକ୍ଷକମାନଙ୍କୁ ବିଭିନ୍ନ ଅଣ-ଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରିବା ଦାୟୀ ବୋଲି ବରିଷ୍ଠ ଶିକ୍ଷାବିତ୍‌ମାନେ ମତପ୍ରକଶ କରିଛନ୍ତି। ବର୍ତ୍ତମାନ ସମୟରେ ଘରୋଇ ବିଦ୍ୟାଳୟ ତୁଳନାରେ ସରକାରୀ ସ୍କୁଲଗୁଡ଼ିକରେ ଛାତ୍ର-ଶିକ୍ଷକ ଅନୁପାତରେ ଆକାଶ ପାତାଳ ଫରକ ଦେଖିବାକୁ ମିଳୁଛି। **ପୃଷ୍ଠା-୭**

# ଶିକ୍ଷକ ଅଭାବ

## ଅନ୍ଧାରକୁ ଠେଲି ହେଉଛି ଦିବ୍ୟାଙ୍ଗ ଛାତ୍ରଙ୍କ ଭବିଷ୍ୟତ

**ବାଲେଶ୍ୱର:** ରାଜ୍ୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ଓ ବିଭିନ୍ନ ବେସରକାରୀ ସଂସ୍ଥା (ଏନଜିଓ) ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଥିବାର ଡିଣ୍ଡିମ ପିଟାଯାଉଛି। ସରକାରୀ ସହାୟତା ଏବଂ ଏନଜିଓମାନଙ୍କ ମିଳିତ ଉଦ୍ୟମରେ ଦିବ୍ୟାଙ୍ଗମାନଙ୍କ ପାଇଁ ବିଭିନ୍ନ ଜିଲ୍ଲାରେ ସ୍ୱତନ୍ତ୍ର ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଛି। କିନ୍ତୁ ବାଲେଶ୍ୱର ଜିଲ୍ଲାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଉଦ୍‌ବେଗଜନକ। ଏହି ଜିଲ୍ଲାରେ ଥିବା ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକରେ ବର୍ତ୍ତମାନ ଉତ୍କଟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଭାବ ଦେଖାଦେଇଛି, ଯାହା ଫଳରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କର ଶିକ୍ଷାଦାନ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ସଠିକ୍ ଢଙ୍ଗରେ ପାଠପଢ଼ା ହୋଇପାରୁନାହିଁ ଏବଂ ୪୦୦ ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଏବେ ଏକ ପ୍ରକାର ଅସମ୍ଭବ ମନେହେଉଛି।

ସରକାରଙ୍କର ଏଭଳି ଦୂରଦୃଷ୍ଟିହୀନତା ଏବଂ ପ୍ରଶାସନିକ ସ୍ଥାଣୁତାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଶିକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ଧରଣର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବାଲେଶ୍ୱର ଜିଲ୍ଲାର ସାମଗ୍ରିକ ସ୍ଥିତି ଉପରେ ଟିକିନିଖି ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କ ଶିକ୍ଷାଦାନ ନିମନ୍ତେ ସର୍ବମୋଟ ୯ଟି ସ୍ୱତନ୍ତ୍ର ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୭ଟି ବିଦ୍ୟାଳୟରେ ବର୍ତ୍ତମାନ ବିଭିନ୍ନ ସ୍ତରରେ ପଦବୀ ଖାଲି ପଡ଼ିଛି। ସମୁଦାୟ ୬୦ଟି ଶିକ୍ଷା କର୍ମଚାରୀ ପଦବୀରୁ ୧୨ଟି ପଦବୀ ଦୀର୍ଘ ଦିନ ଧରି ପୂରଣ ହୋଇପାରିନାହିଁ। ଉଦାହରଣ ସ୍ୱରୂପ, ଦୃଷ୍ଟି ବାଧିତଙ୍କ ପାଇଁ ଥିବା ହ୍ୟାଣ୍ଡିକ୍ୟାପଡ୍ ୱେଲଫେୟାର ଇନଷ୍ଟିଚ୍ୟୁସନ୍‌ରେ ୩୪ ଜଣ ଛାତ୍ରଛାତ୍ରୀ ଆବାସିକ ଭାବେ **ପୃଷ୍ଠା-୭**

# ନାଳ ସଫା ନ କରି ମଶା ବଢ଼ାଉଛି ପୌରପାଳିକା






**ବାଲେଶ୍ୱର:** ବାଲେଶ୍ୱର ସହରରେ ଏବେ ମଶାଙ୍କ ପ୍ରାଦୁର୍ଭାବ ଏକ ଭୟଙ୍କର ରୂପ ଧାରଣ କରିଛି। ସହରର ବିଭିନ୍ନ ୱାର୍ଡରେ ଥିବା ଡ୍ରେନ୍ ବା ନାଳଗୁଡ଼ିକର ସଫେଇ ନାମରେ ପ୍ରତିବର୍ଷ ପୌରପାଳିକା ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ସରକାରୀ ତଥ୍ୟ ଅନୁସାରେ ନାଳ ସଫେଇ ପାଇଁ ବିପୁଳ ଅର୍ଥ ବ୍ୟୟବରାଦ କରାଯାଉଥିଲେ ସୁଦ୍ଧା, କ୍ଷେତ୍ରସ୍ତରରେ ଏହାର କୌଣସି ସୁଫଳ ସାଧାରଣ ଜନତାଙ୍କୁ ମିଳିପାରୁ ନାହିଁ। ସହରର ଅଧିକାଂଶ ଅଞ୍ଚଳରେ ନାଳଗୁଡ଼ିକ ଆଦୌ ସଫା କରାଯାଉ ନାହିଁ, ଯାହା ଫଳରେ ଏହା ଏବେ ଗମ୍ଭୀର ଅବ୍ୟବସ୍ଥାର ଶିକାର ହୋଇଛି। ପ୍ରଶାସନିକ ସ୍ତରରେ ଏଭଳି ଚରମ ଅବହେଳା ଓ ଦାୟିତ୍ୱହୀନତାକୁ ନେଇ ଏବେ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହିତ ଜନଆକ୍ରୋଶ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ନାଳ ସଫେଇ କାର୍ଯ୍ୟ କେବଳ କାଗଜକଲମ ଓ ଫାଇଲ୍ ଭିତରେ ହିଁ ସୀମିତ ରହିଯାଇଛି। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ତଥା ଗଳିକନ୍ଦିରେ ଥିବା ନାଳଗୁଡ଼ିକ ଦୀର୍ଘ ଦିନ ଧରି ସଫା ନହେବା କାରଣରୁ ସମ୍ପୂର୍ଣ୍ଣ ଭାବେ ଜାମ୍ ହୋଇ ରହିଛି। ସେଥିରେ ବର୍ଜ୍ୟବସ୍ତୁ, ଆବର୍ଜନା ଏବଂ ମଳମୂତ୍ର ଜମି ରହିବା ଫଳରେ ଦୁର୍ଗନ୍ଧରେ ଫାଟି ପଡୁଛି ପରିବେଶ। ଏହି ଆବଦ୍ଧ ଏବଂ ଦୂଷିତ ଜଳ ଏବେ ମଶାମାନଙ୍କର ଏକ ନିରାପଦ ପ୍ରଜନନ କେନ୍ଦ୍ର ପାଲଟିଛି। ଏହାର ସିଧାସଳଖ ପ୍ରଭାବ ସହରବାସୀଙ୍କ ଦୈନନ୍ଦିନ ଜୀବନଶୈଳୀ ଉପରେ ପଡୁଛି। ମଶାବଂଶ ଅହେତୁକ ଭାବେ ବୃଦ୍ଧି ପାଇବା କାରଣରୁ ଲୋକମାନଙ୍କର ସ୍ୱାଭାବିକ ଜୀବନଯାତ୍ରା ଏକପ୍ରକାର ଅସହ୍ୟ ହୋଇପଡ଼ିଛି। ସନ୍ଧ୍ୟା ନଇଁଲେ ମଶାଙ୍କ ଆକ୍ରମଣ ଏତେ ମାତ୍ରାରେ ବଢ଼ିଯାଉଛି ଯେ, ଘର ବାହାରେ କିମ୍ବା ଖୋଲା ସ୍ଥାନରେ କିଛି ସମୟ ଠିଆ ହେବା ମଧ୍ୟ କଷ୍ଟକର ହୋଇପଡୁଛି। ରାତିରେ ମଶାରି ବିନା ଶୋଇବା କଥା ଚିନ୍ତା କରିବା ମଧ୍ୟ ଅସମ୍ଭବ ହୋଇଯାଇଛି, ଯାହାଦ୍ୱାରା ଛୋଟ ଛୋଟ ଶିଶୁ ଏବଂ ବୟସ୍କ ବ୍ୟକ୍ତିମାନେ ସର୍ବାଧିକ ହନ୍ତସନ୍ତ ହେଉଛନ୍ତି।

ସ୍ଥିତି ଏତେ ସଙ୍ଗିନ ଥିବା ସତ୍ତ୍ୱେ ମଶା ନିୟନ୍ତ୍ରଣ ପାଇଁ ପୌରପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ନିୟମ ଅନୁଯାୟୀ ନାଳଗୁଡ଼ିକରେ ମଶା ନିବାରକ ତେଳ ପକାଯିବା କଥା, କିନ୍ତୁ ବାସ୍ତବରେ ତାହା କରାଯାଉ ନଥିବା ସ୍ଥାନୀୟ ଲୋକେ ଖୋଲାଖୋଲି ଅଭିଯୋଗ କରିଛନ୍ତି। ତେଲ ପକାଯାଉ ନଥିବାରୁ ମଶାଙ୍କ ଲାର୍ଭା ନଷ୍ଟ ହୋଇପାରୁନାହିଁ ଏବଂ ମଶା ବଂଶ ନିୟନ୍ତ୍ରଣ ହେବା ପରିବର୍ତ୍ତେ ଦ୍ୱିଗୁଣିତ ହେବାରେ ଲାଗିଛି। କେବଳ ସେତିକି ନୁହେଁ, ମଶା ଦାଉରୁ ତୁରନ୍ତ ରକ୍ଷା ପାଇବା ପାଇଁ ସହରର କୌଣସି ଅଞ୍ଚଳରେ ଧୂଆଁ (ଫଗିଂ) ମଧ୍ୟ ଦିଆଯାଉ ନାହିଁ। ମଶା ତେଲ କିମ୍ବା ଧୂଆଁ ଦିଆଯାଉ ନଥିବା ନେଇ ସାଧାରଣରେ ଉଠୁଥିବା ଅଭିଯୋଗ ପୌରପାଳିକାର ଚରମ ପ୍ରଶାସନିକ ଅବହେଳା ଓ ସ୍ଥାଣୁତାକୁ ସ୍ପଷ୍ଟ ଭାବେ ପଦାରେ ପକାଉଛି।



ଯଦି ସମୟ ଥାଉ ଥାଉ ଏହି ସମସ୍ୟାର ସମାଧାନ କରା ନଯାଏ, ତେବେ ଆଗାମୀ ଦିନରେ ଏହାର ପରିଣାମ ଅତ୍ୟନ୍ତ ଭୟାବହ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ତୁରନ୍ତ ଯଦି ନାଳ ସଫେଇ ଏବଂ ମଶା ନିୟନ୍ତ୍ରଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ ନକରାଯାଏ, ତେବେ ଡେଙ୍ଗୁ, ମ୍ୟାଲେରିଆ ଭଳି ମାରାତ୍ମକ କୀଟବାହିତ ରୋଗ ସହରରେ ମହାମାରୀର ରୂପ ନେଇପାରେ। ଅନ୍ୟପକ୍ଷରେ, ଆଗକୁ ବର୍ଷା ଋତୁ ଆସୁଥିବାରୁ, ଜାମ୍ ହୋଇ ରହିଥିବା ନାଳଗୁଡ଼ିକ ଯୋଗୁଁ ସାମାନ୍ୟ ବର୍ଷାରେ ମଧ୍ୟ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଦୃଢ଼ ସମ୍ଭାବନା ରହିଛି। ବର୍ଷା ଜଳ ନିଷ୍କାସିତ ନହୋଇ ରାସ୍ତାଘାଟ ଓ ଘରେ ପଶିଗଲେ ପରିସ୍ଥିତି ଆହୁରି ସଙ୍ଗିନ ହୋଇପଡ଼ିବ। ଏଭଳି ଏକ ସଙ୍କଟଜନକ ସ୍ଥିତିରେ ବାଲେଶ୍ୱର ପୌରପାଳିକା କେବେ ଗାଢ଼ ନିଦ୍ରାରୁ ଚେତିବ ଏବଂ ନିଜର ଦାୟିତ୍ୱବୋଧ ହୃଦୟଙ୍ଗମ କରି ସହରବାସୀଙ୍କୁ ଏହି ମଶା ଆତଙ୍କ ତଥା ନାଳ ସମସ୍ୟାରୁ ମୁକ୍ତି ଦେବ, ତାହା ହିଁ ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଆମେ ଦୁଇ-ଆମର ଚାରି ପାଇଁ ପ୍ରୋତ୍ସାହନ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ଼-୭୫୧୦୦୨
ମୋ: ୯୪୩୭୯୯୪୩୭୯

ଜନସଂଖ୍ୟା ଆଧାରରେ ଲୋକସଭାରେ ପ୍ରତିନିଧିତ୍ୱ ତଥା ସୀମା ପୁନର୍ନିର୍ଦ୍ଧାରଣ ବ୍ୟବସ୍ଥା ଏବେ ଓଡିଶା ସମେତ କେତେକ ରାଜ୍ୟ ପାଇଁ ମୁଣ୍ଡବ୍ୟାଥାର କାରଣ ହୋଇଥିବାବେଳେ ଦକ୍ଷୀଣ ଭାରତର ଦୁଇ ପ୍ରମୁଖ ରାଜ୍ୟ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଏବେ ଜନସଂଖ୍ୟା ବୃଦ୍ଧି ତଥା ଅଧିକରୁ ଅଧିକ ସନ୍ତାନ ସନ୍ତି ଜନ୍ମ ଉପରେ ଗୁରୁତ୍ୱ ଦେଇଛନ୍ତି। ତେବେ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ.ଚନ୍ଦ୍ରବାବୁ ନାଉଡୁ ପାଦେ ଆଗେଇ ଯାଇ ଅଧିକ ପିଲା ଜନ୍ମ ପାଇଁ ଦମ୍ପତିମାନଙ୍କ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା କରିବା ସରକାରଙ୍କ ରାଜନୈତିକ ଅଭିଳାଷ ବା ଆଭିମୁଖ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଦୀର୍ଘ ଦଶନ୍ଧି ଧରି ବଳବତର ଥିବା ନୀତିରେ ବ୍ୟତିକ୍ରମ ଘଟାଇ ମୁଖ୍ୟମନ୍ତ୍ରୀ ନାଇଡୁ ତିନୋଟି କିମ୍ବା ତର୍ଦ୍ଧ୍ୱତ ପିଲା ଜନ୍ମ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୋଟ ପ୍ରଜନନ ହାର (ଟୋଟାଲ ଫର୍ଟିଲିଟି ରେଟ ବା ଟିଏଫଆର) ନବେ ଦଶକରେ ପ୍ରାୟ ୩ଥିବା ବେଳେ ଏବେ ୧.୫କୁ ହ୍ରାସ ପାଇଛି, ଯାହାକି ଜାତୀୟ ଟିଏଫଆର ୨.୧ ତଳେ ରହିଛି। ଦେଶରେ ମଧ ଜାତୀୟ ଟିଏଫଆର ଏବେ ୧.୯କୁ ହ୍ରାସ ପାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ରିପୋର୍ଟରେ କୁହାଯାଇଛି। ସେହିପରି ଅନ୍ୟ କେତେକ ସର୍ଭେ ରିପୋର୍ଟରୁ ଜଣାଯାଇଛି ଯେ, ଚଳିତ ଶତାବ୍ଦୀର ମଧଭାଗ ସୁଦ୍ଧା ଦେଶର ଏକ ଚର୍ତୁଥାଂଶ ରାଜ୍ୟରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଶ୍ରମଶକ୍ତି ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ବରିଷ୍ଠ ନାଗରୀକଙ୍କ ନିର୍ଭରଶୀଳତା ଚାପ ବଢିବ। ତେବେ ଦକ୍ଷୀଣ ଭାରତୀୟ ରାଜ୍ୟଗୁଡିକରେ ଉତରଭାରତୀୟ ରାଜ୍ୟଗୁଡିକ ତୁଳନାରେ ଦୃତଗତିରେ ବରିଷ୍ଠ ନାଗରୀକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏହାର କାରଣ ହେଉଛି ଜାତୀୟ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଏହି ରାଜ୍ୟଗୁଡିକର ଆଶାତୀତ ସଫଳତା, ଯାହାକି ଏକ ଜାତୀୟ ଆହ୍ୱାନ ଥିଲା। ଏବେ କିନ୍ତୁ ଆନ୍ଧ୍ରପ୍ରଦେଶ ସରକାର ଦ୍ୱିତୀୟ ସନ୍ତାନ ପାଇଁ ୨୫,୦୦୦ ଟଙ୍କା, ତୃତୀୟ ସନ୍ତାନ ପାଇଁ ୩୦,୦୦୦ଟଙ୍କା,ଚତୁର୍ଥ ସନ୍ତାନ ପାଇଁ ୪୦,୦୦୦ ଟଙ୍କା ପ୍ରୋତ୍ସାହନ ସହ ଦମ୍ପତିଙ୍କୁ ୫ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦୦ଟଙ୍କା ଲେଖାଏଁ ସହାୟତା, ୧୮ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଶିକ୍ଷା, ମା'ମାନଙ୍କୁ ଘରୁ କାମ କରିବା ପାଇଁ ସୁଯୋଗ, 'ଥାଲୀକ୍ ବନ୍ଧନାମ'ଯୋଜନାର ପାଣ୍ଠି ବୃଦ୍ଧି ଯେଉଁ ଯୋଜନାରେ ଏବେ ସ୍କୁଲ ଯାଉଥିବା ପିଲାଙ୍କ ପ୍ରତି ୧୫,୦୦୦ ଟଙ୍କା ପ୍ରଦାନ କରାଯାଉଛି। ଦୀର୍ଘକାଳୀନ ମାତୃତ୍ୱ ଛୁଟି ଏବଂ ଅନ୍ୟାନ୍ୟ ତଥା ଅଙ୍ଗନୱାଡି ଓ ଶିଶୁଯତ୍ନ ସୁବିଧା ସୁଯୋଗ ପ୍ରଦାନ ପାଇଁ ଘୋଷଣା କରିଛନ୍ତି। କହିବା ବାହୁଲ୍ୟ ଯେ, ଗୋଟିଏ ଥର ପ୍ରୋତ୍ସାହନ ରାଶି ଗରିବ ଲୋକଙ୍କୁ ଅଧିକ ଶିଶୁ ଜନ୍ମ କରିବାକୁ ପ୍ରୋତ୍ସାହିତ କରିପାରେ। କିନ୍ତୁ ଆଜିର ଶିକ୍ଷିତ ଯୁବକ-ଯୁବତୀଙ୍କୁ ଏହା କେତେଦୂର ଉତ୍ସାହିତ କରିବ, ଭବିଷ୍ୟତ ହିଁ କହିବ। ଏହାର କରଣ ହେଉଛି ଆଜିର ଯୁବପିଢୀ ବିବାହ ବନ୍ଧନରେ ଆବଦ୍ଧ ହେବା ପରିବର୍ତେ ଲିଭ-ଇନ୍‌ରେ ରହିବାକୁ ପସନ୍ଦ କରନ୍ତି। ଯାହାକି ଏବେ ଏକ ଧାରା'ରେ ପରିଣତ ହୋଇଛି। କେବଳ ଏତିକି ନୁହେଁ, ସାଂସାରିକ ଜୀବନ, ପିଲାଙ୍କ ଜନ୍ମ, ପିଲାଙ୍କ ଲାଳନ ପାଳନ ପ୍ରତି ସେମାନେ ବିମୁଖ ଥିବା କେତେକ ସର୍ଭେ ରିପୋର୍ଟ କହେ। ଆହୁରି ମଧ ବାସଗୃହ, ଉତମ ଶିକ୍ଷା, ସ୍ୱାସ୍ଥ୍ୟ, ସୁଷମ ଖାଦ୍ୟ ଦୃଷ୍ଟିରୁ ବହୁ ପରିବାର ଛୋଟ ପରିବାର'ରେ ରୁଚି ରଖିଥାନ୍ତି। ଝିଅକୁ ଛୋଟ ପରିବାରରେ ବିବାହ ଦେବାକୁ ପିତାମାତା ବ୍ୟାକୁଳ। ଶିକ୍ଷା ଓ ସ୍ୱାସ୍ଥ୍ୟ ଏବେ ବ୍ୟୟବହୁଳ ହୋଇଥିବାରୁ ଅଧିକ ଶିଶୁଙ୍କ ଉପଯୁକ୍ତ ଭାବେ ଗଢିବା ଏକ ଦୁରୁହ ବ୍ୟାପାର। ଆଜିର ଯୁଗରେ ବେକାରୀ, ଦରଦାମ, ବାସଗୃହ, ପାନୀୟଜଳ, ଖାଦ୍ୟ ସଂକଟ ଦୃଷ୍ଟିରୁ କୌଣସି ଯୁବଦମ୍ପତି ଅଧିକ ଶିଶୁ ଜନ୍ମ ପାଇଁ କେବେ ବି ଚିନ୍ତା କରିବେ ନାହିଁ। ଖାଦ୍ୟ, ବାସଗୃହ, କପଡା ସଂକଟକୁ ଦୃଷ୍ଟିରେ ରଖି ଅତୀତ ପରିବାର ନିୟନ୍ତ୍ରଣକୁ ଏକ ଜାତୀୟ ଯୋଜନା ଭାବେ ଗ୍ରହଣ କରାଯାଇଥିଲା। ଏହା ସତ୍ୟ ଯେ, ଜନ୍ମ ହାର କେବଳ ଭାରତ କିମ୍ବା ଦକ୍ଷୀଣ ଭାରତୀୟ ରାଜ୍ୟଗୁଡିକର ନୁହେଁ। ଚୀନ, ଜାପାନ, ଦକ୍ଷୀଣ କୋରିଆ, ଇଟାଲୀ, ଜର୍ମାନୀ, ଆମେରିକା, ୟୁରୋପୀୟ ଓ ନୋରାଡିକ୍ ରାଷ୍ଟ୍ରଗୁଡିକରେ ଜନ୍ମସଂଖ୍ୟା ହ୍ରାସର ବିପଦ ଦେଖାଦେଇଛି। ଯେଉଁ ଦେଶଗୁଡିକରେ ଟିଏଫଆର ୦.୭୫ ରୁ ୧.୯ ମଧରେ ରହିଛି। ଯାହାର ଅନ୍ତିମ ପରିଣତି କ'ଣ ହୋଇପାରେ ସହଜରେ ଅନୁମାନ କରାଯାଇପାରେ। ଟିଏଫଆର ହ୍ରାସ ଏବେ ଯୁବଶକ୍ତିର ହ୍ରାସ ଘଟାଇବାକୁ ଯାଉଥିବା ବେଳେ ବରିଷ୍ଠଙ୍କ ସଂଖ୍ୟା ବୃଦ୍ଧି ଦିଗରେ ଅଗ୍ରସର ହେଉଛି। ଏକ ଦଶନ୍ଧି ତଳେ ଚୀନ 'ଏକ ସନ୍ତାନ' ନୀତି ପ୍ରତ୍ୟାହାର କରି ଏକାଧିକ ସନ୍ତାନ ଉତ୍ପାଦନ ନୀତି ଆପଣାଇଛି। ଏଥିପାଇଁ ଚୀନ ପ୍ରୋତ୍ସାହନ ଦେବା ସହ କଠୋର ଆଇନ ମଧ ପ୍ରଣୟନ କରିଛି। ଗଲା ୧୦ବର୍ଷ ଭିତରେ ଚୀନ ଆଖି ଦୃଷିଆ ସଫଳତା ପାଇଥିବା ମନେହୁଏ ନାହିଁ। କେବଳ ଚୀନ ନୁହେଁ, ୟୁରୋପୀୟ ଓ ନୋରାଡିକ୍ ରାଷ୍ଟ୍ରଗୁଡିକ ସାର୍ବଜନୀନ ଶିଶୁଯତ୍ନ, ଉଚ୍ଚମାନର ସ୍କୁଲ ପ୍ରତିଷ୍ଠାରେ ବ୍ୟାପକ ପୁଞ୍ଜି ନିବେଶ ଏବଂ ଦମ୍ପତିଙ୍କ ସ୍ୱାର୍ଥ ରକ୍ଷା ଲାଗି ଆଇନ ପ୍ରଣୟନ କରିଥିବା ସତ୍ୱେ ଟିଏଫଆରରେ ନିମ୍ନ ରହିଛନ୍ତି। ଏହା ନିସନ୍ଦେହ ଯେ, ସନ୍ତାନ ଜନ୍ମ ଦମ୍ପତିଙ୍କ ନିଜସ୍ୱ ନିଷ୍ପତି ହୋଇଥିବାବେଳେ ସେମାନଙ୍କର ସାମ୍ପ୍ରତିକ ମାନସିକତାରେ ପରିବର୍ତନ ଘଟାଇବା ନିଶ୍ଚିତ ଦୁରୁହବ୍ୟାପାର। ପ୍ରୋତ୍ସାହନ ରାଶି କିମ୍ବା ମାଗଣା ଯୋଜନା ଏଥିରେ ଉଲ୍ଲେଖନୀୟ ପରିବର୍ତନ ଆଣିବା ସମ୍ଭବପର ନଥିବା ମନେହୁଏ। ଶିଶୁଙ୍କ ଯତ୍ନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି ସରକାର ହାତକୁ ନେଲେ, ହୁଏତ ଏଥିରେ ସଫଳତା ମିଳିପାରେ।

## କଙ୍ଗୋ ଗଣରାଜ୍ୟର 'ଇବୋଲା'ନଦୀକୂଳର ଏକ ଗ୍ରାମ

# 'ଇବୋଲା': ସଂକ୍ରମଣ ଓ ସତର୍କତା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଇବାଲୋ ଭାଇରସକୁ ନେଇ ରାଜ୍ୟ ସରକାର ସର୍ବାଧିକ ସୁରକ୍ଷା ପ୍ରସ୍ତୁତିରେ ରହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଆସିବାପରେ ଓଡ଼ିଶାରେ ମଧ ସରକାରୀ ଭାବେ ପ୍ରସ୍ତୁତି ଜୋରଦାର କରାଯାଇଛି। ବିଶେଷକରି ଆଫ୍ରିକୀୟ ଦେଶରୁ ଫେରୁଥିବା ଯାତ୍ରୀଙ୍କ ଶରୀରରେ ଯଦି ଇବାଲୋ ଲକ୍ଷଣ ଚିହ୍ନଟ ହୁଏ ତେବେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ପଠାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ତରଫରୁ ସୂଚୀତ କରାଯାଇଛି। ଯଦି ଇବାଲୋ ମାମଲା ରିପୋର୍ଟ ହୁଏ ତେବେ ଏମ୍ସରେ ଏକୋଇଶ ଦିନ ପର୍ଯ୍ୟନ୍ତ ସଂଘରୋଧରେ ରଖାଯିବ। ଏଥିପାଇଁ ଆଠଟି ଶଯ୍ୟା ପ୍ରସ୍ତୁତ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଇବାଲୋ ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ଯାଞ୍ଚ ପାଇଁ କଡ଼ାକଡ଼ି କରାଯାଇଥିବାବେଳେ ଏବେ ପାରାଦ୍ୱୀପ ବନ୍ଦରରେ ମଧ ସ୍ୱାସ୍ଥ୍ୟ ଟିମକୁ ସତର୍କ କରାଯାଇ ରଖାଯାଇଛି। ଇବାଲୋ ଲକ୍ଷଣ ଥିବା ଯାତ୍ରୀ ଚିହ୍ନଟହେଲେ ତୁରନ୍ତ ଚିକିତ୍ସା ପାଇଁ ପଠାଇବାର ବ୍ୟବସ୍ଥା କରାଯାଇଛି। ସୂଚନା ଥାଉକି ଏ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ଇବାଲୋ ରୋଗୀ ଚିହ୍ନଟ ହୋଇନାହାଁନ୍ତି।

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଇବୋଲା ଭୂତାଣୁ ସଂକ୍ରମଣକୁ ନେଇ ବିଶ୍ୱବ୍ୟାପୀ ଏମରଜେନ୍ସୀ ଜାରି କରିଛି। ଭାରତ ମଧ ଏହି ସଂକ୍ରମଣକୁ ନେଇ ଚିନ୍ତାରେ ଅଛି। କାରଣ ପ୍ରାୟ ୪୫ ହଜାର ଭାରତୀୟ ଇବୋଲା ସଂକ୍ରମିତ ଦେଶଗୁଡ଼ିକରେ ଅବସ୍ଥାନ କରୁଥିବା ବେଳେ ବହୁ ସଂଖ୍ୟକ ଆଫ୍ରିକୀୟ ଭାରତକୁ ଭ୍ରମଣ, ଶିକ୍ଷା ଓ କର୍ମସଂସ୍ଥାନ ପାଇଁ ଆସୁଛନ୍ତି। ଇବୋଲାର ପ୍ରକୋପକୁ ଦେଖି ଭାରତରେ ମଧ ହାଇଆଲର୍ଟ ଜାରି କରାଯାଇଛି ଓ ୨୪ଘଣ୍ଟା ଜରୁରୀକାଳୀନ ହେଲ୍ପଲାଇନ ସେବା ଆରମ୍ଭ ହୋଇଛି। ଏୟାରପୋର୍ଟ ଅଥରିଟି ମଧ ସବୁ ବିମାନ ବନ୍ଦରରେ ସିଧାସଳଖ ଆଫ୍ରିକାରୁ ଆସୁଥିବା କିମ୍ବା ନିକଟରେ ଅନ୍ୟ ଦେଶରୁ ଆଫ୍ରିକା ଯାଇ ଫେରୁଥିବା ପ୍ରତ୍ୟେକ ଯାତ୍ରୀଙ୍କ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାରଣ ଜଣେ ମାତ୍ର ସଂକ୍ରମିତ ବ୍ୟକ୍ତିଙ୍କ ଯୋଗୁଁ ଇବୋଲା ବ୍ୟାପିଯାଇପାରେ।

**ଆସନ୍ତୁ ସର୍ବପ୍ରଥମେ ଜାଣିବା ଏହି ଇବୋଲା କ'ଣ ? :** ଇବୋଲା ଭାଇରସ୍ ଡିଜିଜ୍ ବା ଇବିଡ଼ି ଏକ ରକ୍ତସ୍ରାବୀ ଜ୍ୱର। ଖୁବ୍ ବିପଜ୍ଜନକ ଏହି ରୋଗ। ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ମୃତ୍ୟୁକୁ ଏଡ଼ାଇବା ଖୁବ୍ କଷ୍ଟ। ଆଜି ପର୍ଯ୍ୟନ୍ତ ଯେତେ ରୋଗୀ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ମୃତ୍ୟୁବରଣ କରିଛନ୍ତି ବୋଲି ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ଏହି ଭୂତାଣୁର ୫ଟି ପ୍ରଜାତି ଚିହ୍ନଟ ହୋଇଛି। ସେ ମଧ୍ୟରୁ ୪ଟି ଦ୍ୱାରା ମନୁଷ୍ୟ ସଂକ୍ରମିତ ହୋଇପାରେ। ଏହି ଚାରି ପ୍ରଜାତି ହେଉଛି ବୁନ୍ଦିବୁଗ୍ୟୋ ଇବୋଲା ଭାଇରସ୍, ଜାୟରେ ଇବୋଲା ଭାଇରସ୍, ସୁଦାନ ଇବୋଲା ଭାଇରସ୍, ଟାଇ ଫରେଷ୍ଟ ଭାଇରସ୍। ପଞ୍ଚମ ଭାଇରସ୍ ରେଷ୍ଟନ ଇବୋଲା ଭାଇରସ୍ ଦ୍ୱାରା ମନୁଷ୍ୟ ସଂକ୍ରମିତ ହୁଏ ନାହିଁ। ଟାଇଫରେଷ୍ଟ ଓ ରେଷ୍ଟନ ଭାଇରସ୍ ଫିଲିପାଇନ୍ସ ଓ ଚୀନରେ ମିଳେ କିନ୍ତୁ ଆଜି ପର୍ଯ୍ୟନ୍ତ ଏଥିରେ କାହାର ମୃତ୍ୟୁ ଘଟିଥିବା ଜଣାନାହିଁ।

**ଏହା କେମିତି ବ୍ୟାପେ ? :** ଏହି ରୋଗ ସଂକ୍ରମିତ ଜୀବଜନ୍ତୁ ଓ ସଂକ୍ରମିତ ମନୁଷ୍ୟଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କରୁ ବ୍ୟାପୀଥାଏ। ସଂକ୍ରମିତ ରକ୍ତ, ଛେପ, ବୀର୍ଯ୍ୟ, ବାନ୍ତି, ମଳ, ମୂତ୍ର ଆଦି ସହ ପ୍ରତ୍ୟକ୍ଷ ସମ୍ପର୍କ ଓ ସଂକ୍ରମିତ ପରିବେଶ ଦ୍ୱାରା ଅପ୍ରତ୍ୟକ୍ଷ ଭାବରେ ବ୍ୟାପୀଥାଏ। ଏହା ବାୟୁ ବାହିତ ଭୂତାଣୁ ସଂକ୍ରମଣ ନୁହେଁ। ଏହି ସଂକ୍ରମଣ ବିପଜ୍ଜନକ କିନ୍ତୁ ସଚେତନତା ଦ୍ୱାରା ଏହା ଠାରୁ ଦୂରରେ ରହିହେବ। ସଂକ୍ରମିତ ମନୁଷ୍ୟ ଓ ଜୀବଜନ୍ତୁଙ୍କ ଠାରୁ ଦୂରେଇ ରହିବା ଆବଶ୍ୟକ। ସବୁବେଳେ ହାତ ସଫା ରଖିବା ଆବଶ୍ୟକ। ସଂକ୍ରମିତ ରୋଗୀଙ୍କ ସେବାରେ ନିୟୋଜିତ ଥିବା ସ୍ୱାସ୍ଥ୍ୟକର୍ମୀ ଯଥା - ଡାକ୍ତର, ନର୍ସ ପ୍ରଭୃତି ସୁରକ୍ଷିତ ପୋଷାକ ଓ ମାସ୍କ ବ୍ୟବହାର ନକଲେ ସଂକ୍ରମଣର ଆଶଙ୍କା ଅଧିକ ଥାଏ। ସେମିତି ରୋଗୀର ପରିଜନମାନେ ମଧ ସଂକ୍ରମିତ ହେବାର ଆଶଙ୍କା ଅଧିକ ରହିଛି।

ଏହି ଭାଇରସ୍ ଶରୀରରେ ବ୍ୟାପୀବାକୁ ୨ରୁ ୨୧ ଦିନ ପର୍ଯ୍ୟନ୍ତ ସମୟ ଲାଗିଥାଏ। ଏହାର ଲକ୍ଷଣ ଦେଖାଗଲା ବେଳକୁ ଏହା ଅନ୍ୟମାନଙ୍କୁ ସଂକ୍ରମଣ କରିବା ଅବସ୍ଥାକୁ ଆସିଯାଇଥାଏ। ପରବର୍ତ୍ତୀ ୧୨ ଦିନ ଖୁବ୍ ସମ୍ବେଦନଶୀଳ। ୧୨ ଦିନ ପରେ ପ୍ରାୟ ରୋଗୀଙ୍କର ମୃତ୍ୟୁ ଘଟେ। ଲକ୍ଷଣ ଦେଖାଯିବାର ୭ରୁ ୧୦ ଦିନ ମଧ୍ୟରେ ଭୂତାଣୁ ଯେତେବେଳେ ବ୍ୟାପୁଥାଏ ସେତେବେଳେ ତଣ୍ଟି ଆଖିରେ ଜ୍ୱଳନ ହୁଏ, ପେଟରେ ଯନ୍ତ୍ରଣା ଓ ବାନ୍ତି ହୁଏ। ମୁଣ୍ଡବିନ୍ଧା, ଥକ୍କାପଣ, ଜ୍ୱର ଏବଂ ମାଂସପେଶୀରେ ଯନ୍ତ୍ରଣା ବି ହୁଏ। ତ୍ୱଚାରେ ଛୋଟ ଛୋଟ ଧଳା ଓ ନାଲି ଦାଗ ହୁଏ, ଏହା କୁଣ୍ଡିଆର ରୂପ ନିଏ। ଏଗୁଡ଼ିକ ଫାଟି ରକ୍ତ ବୁହେ। ଏଗାର ଦିନ ବେଳକୁ ଜିଭ ଲାଲ ହୋଇଯାଏ, କେବେ କେବେ ଜିଭ ବାହାରକୁ ଲଟିକିଯାଏ କିମ୍ବା ତଣ୍ଟି ଭିତରକୁ ଚାଲିଯାଏ। ବାରଦିନ ବେଳକୁ ଭୂତାଣୁ ଧମନୀରେ ରକ୍ତ ଜମାଟ କରିନିଏ। ଶରୀରର ରଙ୍ଗ କଳା ପଡ଼ିଯାଏ। ରକ୍ତ ଜମାଟ ବାନ୍ଧିବାରୁ ଯକୃତ, ବୃକକ୍, ମସ୍ତିଷ୍କ, ଫୁସ୍‌ଫୁସ୍, ଅନ୍ତ୍ରାଶୟ ସମେତ ପ୍ରାୟ ସବୁ ଅଙ୍ଗକୁ ରକ୍ତ ସଞ୍ଚାଳନ ବନ୍ଦ ହୋଇଯାଏ। ଫଳରେ ଏସବୁ ଅଙ୍ଗ ଅଚଳ ହୋଇଯାଏ। ସବୁ ଅଙ୍ଗ ଅଚଳ ହେବା ପରେ ମନୁଷ୍ୟର ମୃତ୍ୟୁ ଘଟେ। ଇବୋଲା ଭୂତାଣୁ ଚିହ୍ନଟ ହେବା ମଧ କଷ୍ଟ। କାରଣ ପ୍ରଥମେ ସବୁ ସାଧାରଣ ଲକ୍ଷଣ ଦେଖାଯାଏ। ତେଣୁ ସାଧାରଣ ରୋଗ ବ୍ୟତୀତ ଆଉ କିଛି ମନେ ହୁଏନି ଏହା। ଜ୍ୱର, ମୁଣ୍ଡବିନ୍ଧା, ମାଂସପେଶୀ-ଗଣ୍ଠି-ପେଟରେ ଯନ୍ତ୍ରଣା, ତଣ୍ଟି ଦରଜ, ଥକ୍କାପଣ, ଡାଇରିଆ, ବାନ୍ତି-କଫରେ ରକ୍ତ ଆସିବା, ଛାତିରେ ଯନ୍ତ୍ରଣା, ନିଶ୍ୱାସ ନେବାରେ କଷ୍ଟ, ହେକୁଟି ଆଦି ଲକ୍ଷଣ ଦେଖାଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇବାଲୋ ପୀଡ଼ିତ ରୋଗୀଙ୍କ ଜଣଙ୍କ ପେଟରେ ଭୀଷଣ ଜଳାପୋଡ଼ା ଓ ପେଟ ଟଣା ଅନୁଭବ କରେ। ପୀଡ଼ିତ ଜଣଙ୍କ ବାରମ୍ବାର ବାନ୍ତି କରି ଏକ ପ୍ରକାରର ଅସ୍ତବ୍ୟସ୍ତ ହୋଇଯିବାର ତାଙ୍କ ଶ୍ୱାସପ୍ରଶ୍ୱାସ ମଧ ବାଧାପ୍ରାପ୍ତ ହୋଇଥାଏ। ତେବେ ଏହା ପୂର୍ବରୁ ଆକ୍ରାନ୍ତ ହୋଇଥିବା ହୃଦରୋଗୀ, ବୟସ୍କ, କୌଣସି ଦୂରାରୋଗୀ ଆସନ୍ନପ୍ରସବା ଓ ପିଲାମାନଙ୍କ ପାଇଁ ଏହା ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଥାଏ। ବାରମ୍ବାର ଝାଡ଼ା ବାନ୍ତି ଲାଗି ରହିବାରୁ କୌଣସି ଖାଦ୍ୟ ଖାଇବାକୁ ଇଛା ହୁଏନାହିଁ। କୌଣସି ପୂର୍ବରୁ ଲିଭର ସଂକ୍ରମିତ ପୀଡ଼ିତ ଯଦି ଇବାଲୋରେ ସଂକ୍ରମିତ ହୁଅନ୍ତି ତେବେ ତାଙ୍କ ପରିସ୍ଥିତି ଜଟିଳ ହୋଇପାରେ। ବର୍ତ୍ତମାନ ଗରମ ଯେଉଁପରି ଅନୁଭବ ହେଉଛି ଏହା ଇବାଲୋ ସଂକ୍ରମଣକୁ ବଢ଼ାଇ ପାରେ ବୋଲି ନିକଟରେ 'ଲାନସେଟ' ପତ୍ରିକା ଉଲ୍ଲେଖ କରିଛି। କେବେ କେବେ ରକ୍ତସ୍ରାବ ହୁଏ। ସଂକ୍ରମଣର ଶେଷ ପର୍ଯ୍ୟାୟ ବେଳକୁ କାନ ଓ ନାକରୁ ରକ୍ତ ବି ପଡ଼େ। ତେବେ ଯେଉଁମାନେ ସଂକ୍ରମଣ ଆରମ୍ଭରୁ ଚିକିତ୍ସା ସୁବିଧା ପାଆନ୍ତି ଓ ଶରୀରରୁ ଜଳକ୍ଷୟକୁ ଅଟକାଇ ପାରନ୍ତି ସେମାନଙ୍କ ଠାରେ ଆରୋଗ୍ୟଲାଭର ସମ୍ଭାବନା ଅଧିକ। ଏହି ରୋଗ ଏଡସ୍ ଓ ଏଚ୍‌ଆଇଭି ତୁଳନାରେ ମଧ ବିପଜ୍ଜନକ। କାରଣ ଏଚ୍‌ଆଇଭି ଭୂତାଣୁ ବ୍ୟାପିବାକୁ ୩ ସପ୍ତାହରୁ ୩ ମାସ ପର୍ଯ୍ୟନ୍ତ ସମୟ ଲାଗେ। ଏଚ୍‌ଆଇଭି ଭାଇରସ୍ ଏଡ଼ସ ପାଲଟିବାକୁ ୯ ମାସରୁ ୨୦ ବର୍ଷ ପର୍ଯ୍ୟନ୍ତ ଲାଗିପାରେ। ଔଷଧ ଖାଇଲେ ରୋଗୀ ସ୍ୱାଭାବିକ ଜୀବନ ଜୀଇଁପାରେ। ମାତ୍ର ଇବୋଲା ଭୂତାଣୁ ୨ରୁ ୨୧ ଦିନରେ ସଂକ୍ରମିତ ହୁଏ ଓ ସଂକ୍ରମଣର ୧୨ ଦିନ ଭିତରେ ମୃତ୍ୟୁ ପହଞ୍ଚିଯାଏ।

ଇବାଲୋ ଭାଇସର ସମ୍ପର୍କରେ ଅନେକ ଗବେଷଣା ଚାଲିଛି ତେବେ ଜଣାପଡ଼ିଛି ବାଦୁଡ଼ି, ମାଙ୍କଡ଼ ଓ ଘୁଷୁରିଙ୍କ ଅନ୍ତ୍ରାଶୟରେ ଏହି ଭୂତାଣୁ ମିଳେ। ଏହା କିପରି ସଂକ୍ରମିତ ହୁଏ ଏ ସମ୍ପର୍କରେ ମଧ ସ୍ପଷ୍ଟ ସୂଚନା ନାହିଁ। ତେବେ କୁହାଯାଉଛି ଜୀବଜନ୍ତୁଙ୍କ ଶରୀରରୁ ବାହାରୁଥିବା ତରଳ ପଦାର୍ଥରୁ ସଂକ୍ରମିତ ହୋଇ ମନୁଷ୍ୟକୁ ଏହି ରୋଗ ହୋଇପାରେ। ଏହାପରେ ରକ୍ତ ଓ ଶରୀରରୁ ନିର୍ଗତ ଅନ୍ୟାନ୍ୟ ତରଳ ପଦାର୍ଥ ଯୋଗୁଁ ମନୁଷ୍ୟ ମାନଙ୍କ ମଧରେ ଏହି ସଂକ୍ରମଣ ବ୍ୟାପୀପାରେ। ଏହି ରୋଗରେ ସଂକ୍ରମିତ ପୁରୁଷ ଆରୋଗ୍ୟ ଲାଭ କରିବା ପରେ ମଧ ସାତ ସପ୍ତାହ ପର୍ଯ୍ୟନ୍ତ ସେମାନଙ୍କ ବୀର୍ଯ୍ୟରେ ଏହି ଭୂତାଣୁର ପ୍ରଭାବ ରୁହେ, ତେଣୁ ସଂକ୍ରମଣରୁ ଆରୋଗ୍ୟ ଲାଭ କରିବା ଏପରି ପୁରୁଷଙ୍କ ସହ ଯୌନ ସମ୍ପର୍କ ସ୍ଥାପନ କରିଥିବା ମହିଳାମାନେ ମଧ ଇବୋଲା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାନ୍ତି। ଏହି ରୋଗରେ ମୃତ୍ୟୁବରଣ କରିଥିବା ରୋଗୀଙ୍କ ଶରୀରରୁ ମଧ ଏହି ଭୂତାଣୁ ସଂକ୍ରମଣ ହୋଇପାରେ।

ଆଜି ଯେଉଁ ଇବାଲୋକୁ ନେଇ ଚର୍ଚ୍ଚା ହେଉଛି ଏହା ପଛରେ ଗୋଟିଏ ଚମକପ୍ରଦ ଘଟଣା ମଧ ରହିଛି। ଇବୋଲା ଭୂତାଣୁ ପ୍ରଥମେ ଚିହ୍ନଟ ହୋଇଥିଲା ୧୯୭୬ ମସିହାରେ କଙ୍ଗୋ ଗଣରାଜ୍ୟର 'ଇବୋଲା' ନଦୀକୂଳର ଏକ ଗ୍ରାମରେ। ପ୍ରଥମେ ସୁଦାନର ନଜାରା ଓ କଙ୍ଗୋର ୟାମବୁକୁଠାରେ ଏକ ସଙ୍ଗେ ଏହି ସଂକ୍ରମଣ ଦେଖାଦେଇଥିଲା। ସେବେଠାରୁ ମଝିରେ ମଝିରେ ଏହି ସଂକ୍ରମଣ ଦେଖାଦେଉଛି। ତେବେ ଚଳିତ ଇବୋଲା ସଂକ୍ରମଣ ଗତ ୪ ଦଶକର ସବୁଠାରୁ ବିପଜ୍ଜନକ ସଂକ୍ରମଣ। ଏ ମଧରେ ୪ଟି ଆଫ୍ରିକୀୟ ଦେଶରେ ଶହ ଶହ ହଜାରେରୁ ଅଧିକ ରୋଗୀ ମୃତ୍ୟୁବରଣ କରିସାରିଲେଣି। ଏସବୁ ଦେଶରେ ଇବୋଲା ମହାମାରୀ ରୂପ ନେଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଜରୁରୀ ପରିସ୍ଥିତି ଭାବରେ ଘୋଷଣା କରିଛି। ତେବେ ପଶ୍ଚିମ ଆଫ୍ରିକାରେ ଏହି ସଂକ୍ରମଣ ହେବା ଖୁବ୍ ଅସ୍ୱାଭାବିକ। କାରଣ ଆଜି ପର୍ଯ୍ୟନ୍ତ ଯେତେଥର ଇବୋଲା ବ୍ୟାପିଛି ମଧ ଓ ପୂର୍ବ ଆଫ୍ରିକୀୟ ଦେଶରେ ହିଁ ବ୍ୟାପିଛି।

ଇବାଲୋକୁ ନେଇ ଭୟଭୀତ ହେବା ସହ କୌଣସି ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ପ୍ରଚାର ପ୍ରସାର କରନ୍ତୁ ନାହିଁ। ବର୍ତ୍ତମାନ ଗରମ ବଢୁଛି, ତାପମାତ୍ରା ଠିକ ରହୁନାହିଁ, କୌଣସି ବ୍ୟକ୍ତିଙ୍କ ଶରୀରରେ ଜ୍ୱର, କାଶ, ଥଣ୍ଡ, ବାନ୍ତି, ଝାଡ଼ା, ପେଟ ସମସ୍ୟା ଓ ରକ୍ତ ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଇବାଲୋର ବଡ଼ ଭୟାବହତା ହେଉଛି ଏହା ଶୀଘ୍ର ଅନ୍ୟ ମାନଙ୍କୁ ସଂକ୍ରମିତ କରିଥାଏ, ତେଣୁ ତୁରନ୍ତ ପରୀକ୍ଷା ଓ ଆଇସୋଲେସନ ଜରୁରୀ। ସମସ୍ତ ପ୍ରକାର ସରକାରୀ ସ୍ୱାସ୍ଥ୍ୟ ସେବାର ସୁଯୋଗ ନିଅନ୍ତୁ। ପରିଷ୍କାର ପରିଚ୍ଛନ୍ନ ରୁହନ୍ତୁ ଓ ସୁଷମ ଖାଦ୍ୟ ଓ ଆନନ୍ଦମୟ ଜୀବନ ନିର୍ବାହ କରନ୍ତୁ, ଯୋଗ ପ୍ରାଣାୟମ ଖୁବ ଭଲ ଅଭ୍ୟାସ। ଦେଖିବେ 'ଇବାଲୋ' ଆପଣଙ୍କୁ ଭୟଭୀତ କରିପାରିବ ନାହିଁ।

*ଅବସରପ୍ରାପ୍ତ ପ୍ରଫେସର,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

ପ୍ରଦେଶ ବାର୍ତ୍ତା

# ବନ୍ୟଜନ୍ତୁ ଶିକାର ତଥ୍ୟ ସତ୍ୟ ତ ?



**ବାଲେଶ୍ୱର:** ବାଲେଶ୍ୱର ଜିଲ୍ଲାର ପ୍ରାକୃତିକ ସମ୍ପଦ ଏବଂ ବନ୍ୟପ୍ରାଣୀଙ୍କ ନିରାପତ୍ତାକୁ ନେଇ ଏକ ଅତ୍ୟନ୍ତ ଚିନ୍ତାଜନକ ତଥା ନୈରାଶ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି, ଯାହା ବନ ବିଭାଗର କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ବନାଞ୍ଚଳ, ବିଶେଷକରି କୁଲଡିହା ଏବଂ ନୀଳଗିରି ଅଞ୍ଚଳରେ ହାତୀ ଓ ବାଘ ଭଳି ବଳଶାଳୀ ଜୀବଙ୍କଠାରୁ ଆରମ୍ଭ କରି ବାରହା, ଝିଙ୍କ, ଗୁରାଣ୍ଡି ଏବଂ ଶାଳିଆପାତିନି ଭଳି ଅନେକ ନିରୀହ ବନ୍ୟଜନ୍ତୁଙ୍କର ଅବାଧ ଶିକାର ଜାରି ରହିଛି। ନିକଟରେ ନୀଳଗିରି ବନାଞ୍ଚଳରେ ବାରହା ଶିକାର ପାଇଁ ଶିକାରୀମାନେ ବିଛାଇଥିବା ଫାସରେ ପଡ଼ି ଏକ ମୂଲ୍ୟବାନ ବାଘର କରୁଣ ମୃତ୍ୟୁ ଘଟିବା ପରେ ବନ୍ୟଜନ୍ତୁ ସୁରକ୍ଷା ଓ ବେଆଇନ ଶିକାର ପ୍ରସଙ୍ଗ ପୁଣିଥରେ ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଘଟଣା ସ୍ପଷ୍ଟ କରିଦେଇଛି ଯେ ବନ ବିଭାଗ ନିଜର ଦୁର୍ବଳତାକୁ ଲୁଚାଇବା ପାଇଁ ଯେତେ ପ୍ରୟାସ କଲେ ମଧ୍ୟ ପ୍ରକୃତ ପରିସ୍ଥିତି ଅତ୍ୟନ୍ତ ଭୟାବହ ଏବଂ ଶିକାରୀମାନେ ଜଙ୍ଗଲରେ ନିଜର ଆଧିପତ୍ୟ ସମ୍ପୂର୍ଣ୍ଣ ରୂପେ ବିସ୍ତାର କରିସାରିଛନ୍ତି। ଯେଉଁଠି ମାସକୁ ଶତାଧିକ ବନ୍ୟଜନ୍ତୁ ଶିକାର ହେଉଛନ୍ତି, ସେଠାରେ ପ୍ରଶାସନିକ ନିରବତା ଏକ ବଡ଼ ବିପଦର ସଙ୍କେତ ଦେଉଛି।

ବନ ବିଭାଗର ସରକାରୀ ରିପୋର୍ଟ ଏବଂ ବାସ୍ତବିକତା ମଧ୍ୟରେ ଥିବା ଆକାଶ ପାତାଳ ପ୍ରଭେଦ ସଚେତନ ନାଗରିକ ଓ ପରିବେଶବିତ୍‌ମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡର କାଗଜପତ୍ର ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୦-୨୧ ରୁ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ସମଗ୍ର ଅଞ୍ଚଳରେ ମାତ୍ର ୨୪ଟି ବନ୍ୟଜନ୍ତୁ ଶିକାର ହୋଇଥିବା ଦର୍ଶାଯାଇଛି, ଯାହା ବାସ୍ତବିକ ତଥ୍ୟଠାରୁ ବହୁ ଦୂରରେ। ନୀଳଗିରି ବ୍ଲକର ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବସବାସ କରୁଥିବା ସ୍ଥାନୀୟ ଅଧିବାସୀଙ୍କ ଦାବି ଅନୁଯାୟୀ, କେବଳ ସେହି ଗୋଟିଏ ଅଞ୍ଚଳରେ ପ୍ରତିମାସରେ ପ୍ରାୟ ୨୫୦ ରୁ ୩୦୦ ବାରହା ଶିକାରୀଙ୍କ ହାବୁଡ଼ରେ ପଡ଼ି ପ୍ରାଣ ହରାଉଛନ୍ତି। ଅଥଚ ବନ ବିଭାଗ ନିଜ ରିପୋର୍ଟରେ ଗତ ୫ ବର୍ଷ ଭିତରେ ଶିକାର ହୋଇଥିବା ମାତ୍ର ୨୪ଟି ଜନ୍ତୁଙ୍କ ମଧ୍ୟରେ କେବଳ ୭ଟି ବାରହା, ୩ଟି ଝିଙ୍କ, ୫ଟି ଗୁରାଣ୍ଡି ଏବଂ ଦୁଇଟି ଲେଖାଏଁ କୁଟୁରା, ମୃଗ ଓ ଶାଳିଆପାତିନି ଥିବା ଦର୍ଶାଇ ନିଜର ଅପାରଗତାକୁ ଘୋଡ଼ାଇବାକୁ ହୀନ ପ୍ରୟାସ କରିଛି। ପ୍ରତିଦିନ ଜଙ୍ଗଲରେ ବାରହା ଶିକାର ଏକ ନିୟମିତ ଘଟଣାରେ ପରିଣତ ହୋଇଥିବା ବେଳେ ଏପରି ମିଥ୍ୟା ପରିସଂଖ୍ୟାନ ବିଭାଗୀୟ ସ୍ୱଚ୍ଛତା ଉପରେ ସିଧାସଳଖ ଆଙ୍ଗୁଠି ଉଠାଉଛି।

ବିଭାଗୀୟ ଅବହେଳା ଓ ତଥ୍ୟ ଲୁଚାଇବା ମନୋବୃତ୍ତି ଏବେ ବନ୍ୟଜନ୍ତୁଙ୍କ ପାଇଁ ସବୁଠାରୁ ବଡ଼ ବିପଦ ସାଜିଛି ଏବଂ ଏହା ଦ୍ୱାରା ବନ୍ୟଜନ୍ତୁ ଅଧିକ ଅସୁରକ୍ଷିତ ହୋଇପଡୁଛନ୍ତି ବୋଲି ବନ୍ୟଜନ୍ତୁ ପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଙ୍ଗଲ ବିଭାଗ କେବଳ ଛୋଟମୋଟ ଜୀବଙ୍କ ଶିକାରକୁ ନାମକୁ ମାତ୍ର ନଗଣ୍ୟ ସଂଖ୍ୟାରେ ସ୍ୱୀକାର କରି ଫାଇଲ୍ ଠିକ୍ ରଖୁଛି, ମାତ୍ର ବଡ଼ ଜୀବ, ବିଶେଷକରି ହାତୀ ଶିକାର ଓ ମୃତ୍ୟୁ ଘଟଣାକୁ କୌଣସିମତେ ସ୍ୱୀକାର କରୁନାହିଁ। ଶିକାରୀଙ୍କ ଦ୍ୱାରା ହାତୀ ମୃତ୍ୟୁ ଘଟିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏହାର ପ୍ରକୃତ କାରଣ ଖୋଜିବା ପରିବର୍ତ୍ତେ 'ମୃତ୍ୟୁର କାରଣ ଅସ୍ପଷ୍ଟ' ବୋଲି ଦର୍ଶାଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ଏଭଳି ପ୍ରକୃତ ତଥ୍ୟ ଲୁଚାଇବା ପ୍ରକ୍ରିୟା ଯୋଗୁଁ ଅପରାଧୀମାନେ ଖସିଯିବାର ସୁଯୋଗ ପାଉଛନ୍ତି ଏବଂ ଦିନକୁ ଦିନ ଅଧିକ ସକ୍ରିୟ ହୋଇ ଉଠୁଛନ୍ତି, ଯାହା ସମଗ୍ର ଇକୋସିଷ୍ଟମ୍ ପାଇଁ ଏକ ଭୟଙ୍କର ସ୍ଥିତି ସୃଷ୍ଟି କରୁଛି।

ବୁଦ୍ଧିଜୀବୀଙ୍କ ମତରେ ବନ ବିଭାଗ ପକ୍ଷରୁ ବନ୍ୟଜନ୍ତୁ ଶିକାର ସମ୍ପର୍କରେ ପ୍ରଦାନ କରାଯାଉଥିବା ତଥ୍ୟରେ ତିଳେମାତ୍ର ସତ୍ୟତା ନାହିଁ ଏବଂ ସରକାରୀ ରିପୋର୍ଟଠାରୁ ବାସ୍ତବିକ ଶିକାର ସଂଖ୍ୟା ବହୁଗୁଣ ଅଧିକ ଅଟେ। ଯଦି ରାଜ୍ୟ ସରକାର କେବଳ ସ୍ଥାନୀୟ ବନ ବିଭାଗ କର୍ମଚାରୀଙ୍କ ମିଥ୍ୟା ରିପୋର୍ଟକୁ ଆଧାର କରି ବିଶ୍ୱାସ କରନ୍ତି, ତେବେ ଖୁବଶୀଘ୍ର ଏପରି ଏକ ସମୟ ଆସିବ ଯେତେବେଳେ କୁଳଡିହା ସମେତ ବିଭିନ୍ନ ପ୍ରମୁଖ ବନାଞ୍ଚଳରୁ ବନ୍ୟଜନ୍ତୁ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଯିବେ। ତେଣୁ ଏହି ବିନାଶକାରୀ ପ୍ରକ୍ରିୟାକୁ ରୋକିବା ପାଇଁ ତଥା ରାଜ୍ୟର ଅମୂଲ୍ୟ ଜୈବବିବିଧତାକୁ ବଞ୍ଚାଇ ରଖିବା ପାଇଁ ରାଜ୍ୟ ସରକାର ତୁରନ୍ତ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ବନ୍ୟଜନ୍ତୁଙ୍କ ସୁରକ୍ଷା ସୁନିଶ୍ଚିତ କରିବାର ନିହାତି ଆବଶ୍ୟକତା ରହିଛି।

# ଜଳେଶ୍ୱର-ରାଜଘାଟ ଓଟି ରୋଡ୍ ସଂପ୍ରସାରଣ କେବେ ?



**ଜଳେଶ୍ୱର:** ଜଳେଶ୍ୱର ସହରର ସବୁଠାରୁ ବ୍ୟସ୍ତବହୁଳ ତଥା ଗୁରୁତ୍ୱପୂର୍ଣ୍ଣ ରାସ୍ତା ଭାବେ ପରିଚିତ ଜଳେଶ୍ୱର-ରାଜଘାଟ ଓଟି ରୋଡ୍ ଏବେ ସାଧାରଣ ଯାତ୍ରୀଙ୍କ ପାଇଁ ଏକ ମରଣଯନ୍ତାରେ ପରିଣତ ହୋଇଛି। ଜଳେଶ୍ୱର ସହରର ବାରମୁହାଁ ପୋଲ ଠାରୁ ଆରମ୍ଭ କରି ଚାଲନ୍ତି ଓଭରବ୍ରିଜ୍ ପର୍ଯ୍ୟନ୍ତ ଏହି ମୁଖ୍ୟ ରାସ୍ତାର ନବୀକରଣ ତଥା ସମ୍ପ୍ରସାରଣ ନିମନ୍ତେ ରାଜ୍ୟ ସରକାରଙ୍କ ଷ୍ଟେଟ୍ ପ୍ଲାନରୁ ୨୫ କୋଟି ଟଙ୍କାର ବିପୁଳ ଅର୍ଥରାଶି ମଞ୍ଜୁର ହୋଇଛି। ତେବେ ପରିତାପର ବିଷୟ ହେଉଛି ଯେ, ଏହି ବୃହତ୍ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଥିଲେ ସୁଦ୍ଧା ଅଦ୍ୟାବଧି ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ପ୍ରଶାସନିକ ଉଦାସୀନତା ଓ ବିଭାଗୀୟ ଟାଳଟୁଳ ନୀତି କାରଣରୁ ଦିନକୁ ଦିନ ଏହି ରାସ୍ତାର ଅବସ୍ଥା ଅଧିକରୁ ଅଧିକ ଖରାପ ହେବାରେ ଲାଗିଛି, ଯାହା ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।ଦୀର୍ଘ ୬.୭ କିଲୋମିଟର ବ୍ୟାପ୍ତ ଏହି ଜଳେଶ୍ୱର-ରାଜଘାଟ ରାସ୍ତା ଉପରେ କେବଳ ଜଳେଶ୍ୱର ସହରବାସୀ ନୁହଁନ୍ତି, ବରଂ ଆଖପାଖ ଅଞ୍ଚଳର ଲକ୍ଷାଧିକ ଲୋକ ନିର୍ଭରଶୀଳ। ବିଶେଷ କରି ରାଜପୁର, ମହମ୍ମଦ ନଗର ପାଟଣା, ଶିଖରପୁର ଏବଂ ଚମାରଗାଁ ପଞ୍ଚାୟତ ସମେତ ରାଇବଣିଆ ଥାନା ଇଲାକାର ହଜାର ହଜାର ଜନସାଧାରଣ ନିଜର ଦୈନନ୍ଦିନ ଯାତାୟାତ ପାଇଁ ଏହି ମାର୍ଗ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ଏହାବ୍ୟତୀତ ଜଳେଶ୍ୱର ସହରରୁ ବାଲେଶ୍ୱର ଜିଲ୍ଲା ସଦର ମହକୁମାକୁ ସିଧାସଳଖ ଯୋଗାଯୋଗ କ୍ଷେତ୍ରରେ ଏହି ରାସ୍ତାର ଏକ ନିର୍ଣ୍ଣାୟକ ଭୂମିକା ରହିଛି। ପ୍ରାୟ ତିନି ବର୍ଷ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ସେହି ସମୟରେ ଏହି ରାସ୍ତା ଦେଇ ଦୈନିକ ପାଖାପାଖି ୧୪ ହଜାରରୁ ଅଧିକ ଯାନବାହାନ ଚଳାଚଳ କରୁଥିଲା। ତେବେ ବର୍ତ୍ତମାନ ସମୟରେ ଯାନବାହାନ ସଂଖ୍ୟା ଆହୁରି ଦ୍ରୁତଗତିରେ ବୃଦ୍ଧି ପାଇ ଏହି ସଂଖ୍ୟାର ଦୁଇଗୁଣରୁ ଅଧିକ ହୋଇଗଲାଣି, ଯାହା ସ୍ପଷ୍ଟ ପ୍ରମାଣିତ କରେ ଯେ ଏହି ରାସ୍ତାଟି ଜଳେଶ୍ୱର ସହରବାସୀଙ୍କ ପାଇଁ ଏକ ପ୍ରମୁଖ 'ଲାଇଫ୍ ଲାଇନ୍' ବା ଜୀବନରେଖା ଅଟେ।ଭୌଗୋଳିକ ଦୃଷ୍ଟିକୋଣରୁ ବିଚାର କଲେ, ଏହି ରାସ୍ତା ପାର୍ଶ୍ୱରେ ସୁବର୍ଣ୍ଣରେଖା ନଦୀ ଅବବାହିକାର ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି। ଏହି ସମଗ୍ର ଅଞ୍ଚଳଟି ଏକ କୃଷି ସମୃଦ୍ଧ ଅଞ୍ଚଳ ହୋଇଥିବାରୁ, ଦୈନନ୍ଦିନ କୃଷିଜାତ ଦ୍ରବ୍ୟର ପରିବହନ ଏବଂ ବାଣିଜ୍ୟିକ କାରବାର ପାଇଁ ଏହି ରାସ୍ତାଟି ଏକମାତ୍ର ମାଧ୍ୟମ ପାଲଟିଛି। ଅଧିକନ୍ତୁ, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍, ଉଦ୍ଧାର କାର୍ଯ୍ୟ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଏହି ମାର୍ଗର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି ଏକ ଜନଗହଳିପୂର୍ଣ୍ଣ ତଥା ଅତ୍ୟାବଶ୍ୟକ ରାସ୍ତା ବର୍ତ୍ତମାନ ଅତ୍ୟନ୍ତ ଅଣଓସାରିଆ ଏବଂ ଅଗମ୍ୟ ହୋଇପଡ଼ିଥିବାରୁ ଅଧିକାଂଶ ସମୟରେ ଏଠାରେ ଭୟଙ୍କର ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି। ରାସ୍ତାର ଦୁରାବସ୍ଥା ଓ ଖାଲଖମା ଯୋଗୁଁ ନିୟମିତ ବ୍ୟବଧାନରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି, ଯାହା ସାଧାରଣ ଯାତ୍ରୀମାନଙ୍କ ଜୀବନ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି।ରାସ୍ତାର ଏଭଳି ଶୋଚନୀୟ ଅବସ୍ଥାକୁ ଦୃଷ୍ଟିରେ ରଖି ଏହାର ପ୍ରଶସ୍ତୀକରଣ ଏବଂ ନବୀକରଣ ନିମନ୍ତେ ଗତ ୨୦୨୪ ମସିହାରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଘରୋଇ ସଂସ୍ଥା ମାଧ୍ୟମରେ ସର୍ଭେ କରାଯାଇ ଡିପିଆର୍ ପ୍ରସ୍ତୁତ କରାଯାଇଥିଲା। ଏହାପରେ ଏହି ଅତ୍ୟାବଶ୍ୟକ ପ୍ରକଳ୍ପକୁ ୨୫କୋଟି ଟଙ୍କାର ଷ୍ଟେଟ୍ ପ୍ଲାନରେ ମଞ୍ଜୁରୀ ମିଳିବା ସହ ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ଚୂଡ଼ାନ୍ତ ହୋଇଥିଲା। କିନ୍ତୁ ପ୍ରଶାସନ ପାଇଁ ଏବେ ସବୁଠାରୁ ବଡ଼ ସମସ୍ୟା ଓ ପ୍ରତିବନ୍ଧକ ସାଜିଛି ଜବରଦଖଲ। ରାସ୍ତାର ବହୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବେ ମଧ୍ୟ ଜବରଦଖଲକାରୀଙ୍କ କବ୍ଜାରେ ରହିଥିବାରୁ ଯୋଜନାର କାର୍ଯ୍ୟକାରିତା ବାଧାପ୍ରାପ୍ତ ହେଉଛି। ସମ୍ମୁଖରେ ଆଗାମୀ ବର୍ଷା ଋତୁ ଥିବା ବେଳେ ଏହା ପୂର୍ବରୁ କାମ ଆରମ୍ଭ ହୋଇପାରିବ କି ନାହିଁ, ସେ ନେଇ ସାଧାରଣରେ ଘୋର ସନ୍ଦେହ ପ୍ରକାଶ ପାଇଛି। ଯଦି ଠିକ୍ ସମୟରେ କାର୍ଯ୍ୟ ଆରମ୍ଭ ନହୁଏ, ତେବେ ଆଗାମୀ ବର୍ଷାଦିନେ ଏହି କାଦୁଅ ଓ ଖାଲଖମା ପୂର୍ଣ୍ଣ ରାସ୍ତାରେ ଯାତାୟାତ କରି ଲକ୍ଷାଧିକ ଲୋକ ଅକଥନୀୟ ଯନ୍ତ୍ରଣା ଭୋଗିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ସେପଟେ ବିଭାଗୀୟ ଅଧିକାରୀଙ୍କ କହିବା ଅନୁଯାୟୀ ବର୍ତ୍ତମାନ ପ୍ରକଳ୍ପଟି ଆଗ୍ରିମେଣ୍ଟ୍ ବା ଚୁକ୍ତିନାମା ପର୍ଯ୍ୟାୟରେ ରହିଛି। ସମ୍ପୃକ୍ତ ଠିକାଦାରଙ୍କ ସହ ଚୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ହେବା ମାତ୍ରେ ହିଁ ବିନା କୌଣସି ବିଳମ୍ବରେ ଅତି ଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ।

# ଟିକସ ଆଦାୟରେ ଆଗୁଆ, ଭିତ୍ତିଭୂମି ବିକାଶରେ ପଛୁଆ

**ରେମୁଣା:** ବହୁ ପ୍ରତୀକ୍ଷା ଏବଂ ଦାବି ପରେ ପୁରାତନ ତଥା ଐତିହ୍ୟସମ୍ପନ୍ନ ରେମୁଣା ଅଞ୍ଚଳକୁ ଗତ ୪ ବର୍ଷ ତଳେ ଅର୍ଥାତ ୨୦୧୯ ମସିହାରେ ଏନ୍ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ମାନ୍ୟତା ପ୍ରଦାନ କରାଯାଇଥିଲା। ୪୮ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ନୂତନ ଏନ୍ଏସି ଗଠନ ହେବା ପରେ ସ୍ଥାନୀୟ ଜନସାଧାରଣଙ୍କ ମନରେ ସହରାଞ୍ଚଳ ଭିତ୍ତିଭୂମିର ଉନ୍ନତିକରଣକୁ ନେଇ ଅନେକ ଆଶା ଓ ଉଦ୍ଦୀପନା ଜାଗ୍ରତ ହୋଇଥିଲା। କିନ୍ତୁ ଅତ୍ୟନ୍ତ ବିଡ଼ମ୍ବନାର ବିଷୟ ଯେ, ଦୀର୍ଘ ୪ ବର୍ଷ ବିତିଯାଇଥିଲେ ସୁଦ୍ଧା ରେମୁଣାରେ ଆଖିଦୃଶିଆ ଭିତ୍ତିଭୂମି ବିକାଶ ଏବେ ବି ସ୍ୱପ୍ନ ହୋଇ ରହିଛି। ପ୍ରଶାସନ ପକ୍ଷରୁ ବିକାଶ ନାମରେ କେବଳ ପ୍ରତିଶ୍ରୁତି ମିଳୁଥିବା ବେଳେ ବାସ୍ତବ କ୍ଷେତ୍ରରେ ମୌଳିକ ସୁବିଧାସୁଯୋଗର ଘୋର ଅଭାବ ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ସାଧାରଣ ଜନତାଙ୍କଠାରୁ ବିଭିନ୍ନ ବାବଦରେ ଟିକସ ଆଦାୟ କରିବାରେ ଏହି ଏନ୍ଏସି ଆଗୁଆ ରହି ସାରା ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଯାହାକି ସ୍ଥାନୀୟ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।

ରେମୁଣା କେବଳ ଏକ ସାଧାରଣ ଅଞ୍ଚଳ ନୁହେଁ, ବରଂ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଏବଂ ଧର୍ମୀୟ ଦୃଷ୍ଟିକୋଣରୁ ଏହାର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଏଠାରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ, ଫକୀରମୋହନ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଆଇଟିଆଇ ଭଳି ପ୍ରମୁଖ ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ରହିଛି। ଏଥିସହ ଇମାମୀ ପେପର ମିଲ୍ସ, ବିର୍ଲା ଟାୟାର୍ସ ଭଳି ବୃହତ ଶିଳ୍ପାନୁଷ୍ଠାନ ମଧ୍ୟ ଏହି ଅଞ୍ଚଳରେ ଅବସ୍ଥିତ। ଏହାବ୍ୟତୀତ ପ୍ରସିଦ୍ଧ ଶ୍ରୀ କ୍ଷୀରଚୋରା ଗୋପୀନାଥ ମନ୍ଦିର, ଗର୍ଗେଶ୍ୱର ମହାଦେବ ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ଯୋଗୁଁ ରେମୁଣା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ। ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ, ରୋଗୀ, ପର୍ଯ୍ୟଟକ, ଏବଂ କର୍ମଚାରୀଙ୍କର ଏଠାକୁ ଯାତାୟାତ ରହିଥାଏ। ଏତେ ସବୁ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଥିବା ସତ୍ତ୍ୱେ ଏକ ସୁଚିନ୍ତିତ ମାଷ୍ଟରପ୍ଲାନ୍‌ର ଅଭାବରୁ ରେମୁଣାର ବିକାଶ ଏକପ୍ରକାର ସ୍ଥାଣୁ ପାଲଟିଯାଇଛି।

# ବିକାଶ ଏଠି ବାଟବଣା




**ଜଳେଶ୍ୱର:**ସରକାରୀ କଳର ଚରମ ସ୍ଥାଣୁତା ଓ ଆନ୍ତରିକତାର ଅଭାବ ଯୋଗୁଁ ଜଳେଶ୍ୱର ବ୍ଲକରେ ଗତ ୧୦ ବର୍ଷ ଧରି ଗ୍ରାମୀଣ ବିକାଶ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ କୋଟି କୋଟି ଟଙ୍କାର ପାଣ୍ଠି ଯୋଗାଇ ଦେଉଥିଲେ ହେଁ, ପ୍ରଶାସନିକ ଅବହେଳା କାରଣରୁ ପ୍ରାୟ ୩୦ କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ ନହୋଇ ସେମିତି ପଡ଼ିରହିଛି। ୨୦୧୬-୧୭ ଆର୍ଥିକ ବର୍ଷଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ଆସିଥିବା ଏହି ବିପୁଳ ଅର୍ଥ ବିନିଯୋଗ ହୋଇପାରି ନଥିବାରୁ ପ୍ରାୟ ୯୦୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପ ଏବେ ଶୀତଳଭଣ୍ଡାରକୁ ଚାଲିଯାଇଛି।

ଏହି ସ୍ଥାଣୁତାର ଚିତ୍ର ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଚମଗାଁ ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ୩୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇ ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ।ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷରେ ମାକଡ଼ିଆ, ଦକ୍ଷିଣ ପ୍ରହରାଜପୁର ଓ ଓଲମରା ଆଦି ପଞ୍ଚାୟତରେ କଲ୍ୟାଣ ମଣ୍ଡପ ଏବଂ ଗ୍ରାମ୍ୟ ହାଟର ଉନ୍ନତୀକରଣ ପାଇଁ ଆସିଥିବା ସରକାରୀ ଅର୍ଥ ଅବ୍ୟବହୃତ ହୋଇ ପଡ଼ିରହିଛି। ଅନ୍ୟପଟେ ନାମଖାନା, ବର୍ତ୍ତନା ଓ ରାଜପୁର ପଞ୍ଚାୟତରେ ଜିପି ଫେସିଲିଟି ସେଣ୍ଟର ଏବଂ ଛାଡ଼ିପିପଲ ପ୍ରାଥମିକ ସ୍କୁଲ ଗୃହ ନିର୍ମାଣ ଭଳି ଅତି ଆବଶ୍ୟକୀୟ କାର୍ଯ୍ୟ ପାଇଁ ପାଣ୍ଠି ଥାଇ ମଧ୍ୟ କୌଣସି ପ୍ରଗତି ହୋଇନାହିଁ। ଜିଆଇଏ (ଗ୍ରାଣ୍ଟ ଇନ୍ ଏଡ୍) ଏବଂ 'ଆମ ଗାଁ ଆମ ବିକାଶ' ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାର ଅନୁଦାନ ଏଠାରେ ବାଟବଣା ହୋଇଛି। ସେପଟେ ବିଭାଗୀୟ ଅଧିକାରୀଙ୍କ ସୂଚନା ମୁତାବକ ଏବେ ସୁଦ୍ଧା ପ୍ରାୟ ୨୦୦ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରଶାସନ ପକ୍ଷରୁ ବାକି ରହିଯାଇଥିବା ଅନ୍ୟ ସମସ୍ତ ବିକାଶମୂଳକ କାର୍ଯ୍ୟକୁ ମଧ୍ୟ ଧୀରେ ଧୀରେ ତ୍ୱରାନ୍ୱିତ କରାଯିବ ବୋଲି ଜଣାଯାଇଛି।

# ବାଲେଶ୍ୱରରେ ୭୦୦ କୋଟିର ପ୍ରକଳ୍ପ ଅଟକିଛି

**ବାଲେଶ୍ୱର:**ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନରେ ରାଜ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ବାଲେଶ୍ୱର ଜିଲ୍ଲାରେ ମତ୍ସ୍ୟଜୀବୀଙ୍କ ଭାଗ୍ୟ ସହିତ ଖେଳୁଛି ପ୍ରଶାସନିକ ଅବହେଳା। ଜିଲ୍ଲାରେ ମତ୍ସ୍ୟ ଅବତରଣ କେନ୍ଦ୍ରଗୁଡ଼ିକର ବିକାଶ ଓ ଆଧୁନିକୀକରଣ ପାଇଁ ମଞ୍ଜୁର ହୋଇଥିବା ଶହ ଶହ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଗତ କିଛି ବର୍ଷ ଧରି ଠପ୍ ହୋଇପଡ଼ିଛି। ଫଳସ୍ୱରୂପ, ସମୁଦ୍ରରୁ ମାଛ ଧରି ଆଣିବା ପରେ ସେଗୁଡ଼ିକୁ ସୁରକ୍ଷିତ ରଖିବା ଓ ବଜାରରେ ବିକ୍ରୟ କରିବା କ୍ଷେତ୍ରରେ ହଜାର ହଜାର ମତ୍ସ୍ୟଜୀବୀ ଅତ୍ୟନ୍ତ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ଅବସ୍ଥାକୁ ନେଇ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ମିଳିଥିବା ସୂଚନା ଅନୁଯାୟୀ, କେବଳ ବାହାନଗା ମତ୍ସ୍ୟ ଅବତରଣ କେନ୍ଦ୍ରର ଉନ୍ନତି ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ତାହା ଏଯାବତ୍ ଶୀତଳ ଭଣ୍ଡାରରେ ପଡ଼ି ରହିଛି। ସେହିପରି ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ବାହାନଗା ପାଇଁ ୨୦କୋଟି ଟଙ୍କାର ପ୍ରକଳ୍ପ ମଧ୍ୟ ରୂପାୟନ ହୋଇପାରି ନାହିଁ। କେବଳ ସେତିକି ନୁହେଁ, ତାଳସାରି ମତ୍ସ୍ୟ ଅବତରଣ କେନ୍ଦ୍ର ପାଇଁ ପ୍ରାୟ ୨ କୋଟି, ଚାନ୍ଦିପୁର ମାଛଧରା ବନ୍ଦର ପାଇଁ ପ୍ରାୟ ୭୭ କୋଟି, ବସ୍ତା ମାଛ ମାର୍କେଟ୍ ପାଇଁ ପ୍ରାୟ ୭୮ କୋଟି ଏବଂ ରେମୁଣାରେ ଅତ୍ୟାଧୁନିକ ମାଛ ମାର୍କେଟ୍ ପାଇଁ ପ୍ରାୟ ସାଢ଼େ ୫ କୋଟି ଟଙ୍କାର ପ୍ରକଳ୍ପ ସରକାରୀ ସ୍ତରରେ ମଞ୍ଜୁର ହୋଇଥିଲା। ଅତ୍ୟନ୍ତ ପରିତାପର ବିଷୟ ଯେ, ବହୁ ପ୍ରକଳ୍ପ ପ୍ରାୟ ୨ରୁ ୫ ବର୍ଷ ଧରି ମଞ୍ଜୁର ହୋଇ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ।

# ସେଡ ପାଇଁ ଟେଣ୍ଡରି ହୋଇଛି କିନ୍ତୁ ସିଝୁଛନ୍ତି ଯାତ୍ରୀ



**ବାଲେଶ୍ୱର:**ପ୍ରଚଣ୍ଡ ରୌଦ୍ରତାପରୁ ସହରବାସୀଙ୍କୁ ରକ୍ଷା କରିବା ପାଇଁ ପ୍ରାୟ ୧୩ ଲକ୍ଷ ଟଙ୍କାର ବ୍ୟୟବରାଦରେ ଟ୍ରାଫିକ ପୋଷ୍ଟଗୁଡ଼ିକରେ ସେଡ୍ ବ୍ୟବସ୍ଥା ନିମନ୍ତେ ପୌରପାଳିକା ପକ୍ଷରୁ ଏପ୍ରିଲ ମାସ ମଧ୍ୟଭାଗରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ପ୍ରଶାସନିକ ଶିଥିଳତା ଯୋଗୁଁ ଆଜି ସୁଦ୍ଧା ମେ ମାସର ପ୍ରଖର ଖରାରେ ବାଲେଶ୍ୱର ସହରର ପ୍ରମୁଖ ଛକଗୁଡ଼ିକରେ ଯାତ୍ରୀମାନେ ଅସହ୍ୟ ଗରମର ଶିକାର ହୋଇଛନ୍ତି। ଠିକାସଂସ୍ଥାର ଖାମଖିଆଲି ନୀତି ଏବଂ ପୌର କର୍ତ୍ତୃପକ୍ଷଙ୍କ ତଦାରଖ ଅଭାବରୁ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କେବଳ ବାଉଁଶ ପୋତାଯାଇ କାମ ଅଧାରେ ଅଟକି ରହିଛି, ଯାହା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ସହରର ପୁଲିସ ଲାଇନ୍ ଛକ, ଷ୍ଟେସନ ଛକ, ସିନେମା ଛକ ଏବଂ ଫକୀରମୋହନ ଗୋଲେଇ ଭଳି ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବର୍ତ୍ତମାନ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳୁଛି। କେବଳ ଆଇଟିଆଇ ଛକକୁ ଛାଡ଼ିଦେଲେ ଅନ୍ୟ କେଉଁଠି ହେଲେ ବି ଯାତ୍ରୀଙ୍କ ପାଇଁ ସୁରକ୍ଷିତ ଛାୟାର ବ୍ୟବସ୍ଥା ହୋଇପାରିନାହିଁ। କେଉଁଠି କେବଳ ବାଉଁଶ ଗୁଡ଼ିକ ବନ୍ଧା ହୋଇ ପଡ଼ିରହିଛି ତ କେଉଁଠି ଛାପର ପାଇଁ ତାରପୋଲିନ ବା ଚାନ୍ଦିଆର ଦେଖା ନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୌରପାଳିକା ଏହାକୁ ଗୁରୁତ୍ୱ ନଦେବା ସହରବାସୀଙ୍କ ଦୁର୍ଭାଗ୍ୟକୁ ଦର୍ଶାଉଛି। ଗ୍ରୀଷ୍ମ ଋତୁ ଅଧା ବିତିଯାଇଥିଲେ ହେଁ ଲୋକଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପ ଲାଭଦାୟୀ ହୋଇପାରିଲା ନାହିଁ।

ଏହି ସମ୍ବେଦନଶୀଳ ସମସ୍ୟା ସମ୍ପର୍କରେ ସ୍ଥାନୀୟ ନେତା ଟେଣ୍ଡର ନେଉଥିବା ସଂସ୍ଥାକୁ ଏହି କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ତାଗିଦ କରାଯାଇଥିବା କହି ନିଜ ଦାୟିତ୍ୱ ସାରି ଦେଉଥିବା ଚର୍ଚ୍ଚା ହେଉଛି। ଏହା ସହ ଯଦି ସମ୍ପୃକ୍ତ ଠିକାସଂସ୍ଥା ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସମ୍ପୂର୍ଣ୍ଣ ନକରେ, ତେବେ ଉକ୍ତ ଟେଣ୍ଡରକୁ ରଦ୍ଦ କରାଯିବ ବୋଲି କହିଛନ୍ତି।

# ବେଆଇନ ହୋର୍ଡିଂ ହଟାଇବାକୁ ସାହସ ପାଉନି ପୌରପାଳିକା




**ବାଲେଶ୍ୱର:** ବାଲେଶ୍ୱର ସହର ଏବେ ବେଆଇନ ହୋର୍ଡିଂର ଏକ ବିପଜ୍ଜନକ ଜାଲରେ ଛନ୍ଦି ହୋଇପଡ଼ିଛି। ସହରର ବିଭିନ୍ନ ଛକ, ରାସ୍ତାକଡ଼ ଏବଂ ଗଳିକନ୍ଦିରେ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ଏହି ବେଆଇନ ହୋର୍ଡିଂଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ପାଇଁ ବାଲେଶ୍ୱର ପୌରପାଳିକା ନିକଟରେ ସାହସ ନଥିବା ସ୍ପଷ୍ଟ ହୋଇଛି। ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ କେବଳ ଲୋକଦେଖାଣିଆ ଭାବେ କିଛି ମାତ୍ରାରେ ହୋଇ ବନ୍ଦ ହୋଇଯାଇଥିଲା, ଯାହା ଫଳରେ ଏବେ ପୁଣିଥରେ ସେହି ସମାନ ସ୍ଥାନଗୁଡ଼ିକରେ ବେଆଇନ ହୋର୍ଡିଂର ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ବ୍ୟକ୍ତିଗତ ବାସଭବନର ଛାତ ଠାରୁ ଆରମ୍ଭ କରି ବଡ଼ ବଡ଼ ମାର୍କେଟ କମ୍ପ୍ଲେକ୍ସର ଛାତ ପର୍ଯ୍ୟନ୍ତ ସବୁଠି ବିପଦପୂର୍ଣ୍ଣ ଭାବେ ଲୁହା ଷ୍ଟ୍ରକ୍ଚରମାନ ଛିଡ଼ା କରାଯାଇଛି। ପୂର୍ବରୁ ପୌରପାଳିକା ପକ୍ଷରୁ ଯେଉଁଠାରୁ ହୋର୍ଡିଂ ହଟାଯାଇଥିଲା ବୋଲି ଦାବି କରାଯାଉଥିଲା, ସେଠାରେ କେବଳ ଉପର ପୋଷ୍ଟରଟିକୁ ବାହାର କରାଯାଇ ମୂଳ ଲୁହା ଢାଞ୍ଚାକୁ ସେମିତି ଛାଡ଼ି ଦିଆଯାଇଥିଲା। ଏବେ ସେହି ପୁରୁଣା ଢାଞ୍ଚା ଉପରେ ପୁଣି ନୂଆ ହୋର୍ଡିଂ ଲଗାଯିବା ସହରରେ ପ୍ରଶାସନର ଉଦାସୀନତା ଓ ଦୁର୍ବଳତାକୁ ପଦାରେ ପକାଇଛି। ଅନେକ ସ୍ଥାନରେ ଜନପ୍ରତିନିଧିମାନଙ୍କର ହୋର୍ଡିଂ ମଧ୍ୟ ଏହି ବେଆଇନ ତାଲିକାରେ ସାମିଲ ଥିବାରୁ, ହୁଏତ ରାଜନୈତିକ ଚାପ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ଭୟ ଯୋଗୁଁ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେଉଛନ୍ତି।

ଏହି ସମସ୍ୟା ସବୁଠାରୁ ଭୟଙ୍କର ରୂପ ନେଉଛି ବର୍ତ୍ତମାନର କାଳବୈଶାଖୀ ସମୟରେ। ଅତର୍କିତ ଭାବେ ମାଡ଼ି ଆସୁଥିବା ଝଡ଼ତୋଫାନ ବେଳେ ଏହି ବିଶାଳକାୟ ତଥା ଅସୁରକ୍ଷିତ ହୋର୍ଡିଂଗୁଡ଼ିକ ସାଧାରଣ ଜନତାଙ୍କ ପାଇଁ ଏକ ବଡ଼ ବିପଦ ପାଲଟିଛି। ଗତ ସୋମବାର ଏବଂ ମଙ୍ଗଳବାର ଦିନ ସହରରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଅନେକ ସ୍ଥାନରେ ରାସ୍ତା ଉପରକୁ ବିଶାଳକାୟ ହୋର୍ଡିଂଗୁଡ଼ିକ ଛିଣ୍ଡି ପଡ଼ିଥିଲା। ସହରର ବହୁ ଗୁରୁତ୍ୱପୂର୍ଣ୍ଣ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଭଳି ବିପଦସଙ୍କୁଳ ଅବସ୍ଥାରେ ଅଧିକାଂଶ ହୋର୍ଡିଂ ଲାଗିଥିଲେ ସୁଦ୍ଧା, ପୌରପାଳିକା ପକ୍ଷରୁ କୌଣସି ଆଖିଦୃଶିଆ ବା ସ୍ଥାୟୀ ନିରାପତ୍ତା ପଦକ୍ଷେପ ଗ୍ରହଣ କରାଯାଉନାହିଁ, ଯାହାକି ପ୍ରଶାସନର ଦାୟିତ୍ୱହୀନତାକୁ ଦର୍ଶାଉଛି।

ସରକାରୀ ନିୟମ ଓ ତଥ୍ୟ ଅନୁଯାୟୀ, ଏନଓଏଏ (ନର୍ଥ ଓଡ଼ିଶା ଆଡଭର୍ଟାଇଜିଂ ଆସୋସିଏସନ୍) ଜରିଆରେ ସହରରେ ମାତ୍ର ୨୯୮ଟି ହୋର୍ଡିଂ ଲଗାଇବା ପାଇଁ ଆନୁଷ୍ଠାନିକ ଅନୁମତି ମିଳିଛି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଉଦ୍‌ବେଗଜନକ; ଅନୁମତି ଠାରୁ ଢେର ଅଧିକ ସଂଖ୍ୟାରେ ବେଆଇନ ହୋର୍ଡିଂ ସହରର ଆକାଶକୁ କବଜା କରିନେଇଛନ୍ତି। ସହରକୁ ବେଆଇନ ହୋର୍ଡିଂମୁକ୍ତ କରିବା ଉଦ୍ଦେଶ୍ୟରେ ପୌରପାଳିକା ପକ୍ଷରୁ କିଛି ଦିନ ତଳେ ଏକ ୧୫ ଦିନିଆ ନୋଟିସ୍ ଜାରି କରାଯାଇଥିଲା। ଏହି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ବେଆଇନ ହୋର୍ଡିଂ ନିଜ ଆଡୁ ହଟାଇବାକୁ କୁହାଯାଇଥିଲେ ହେଁ, ତାହା କେବଳ ଏକ କାଗଜପତ୍ରର ଧମକ ହୋଇ ରହିଗଲା। ନୋଟିସ୍ ଅବଧି ସରିବାର ବହୁ ଦିନ ବିତିଯାଇଥିଲେ ମଧ୍ୟ ବିଜ୍ଞାପନ ସଂସ୍ଥାଗୁଡ଼ିକ ସହ କୌଣସି ଅଘୋଷିତ ସଲାସୁତରା କିମ୍ବା ସାହସର ଅଭାବ କାରଣରୁ ପୌରପାଳିକା ଏହା ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରି ନାହିଁ, ଯାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଗତ କିଛିଦିନ ତଳେ ରାଜଧାନୀ ଭୁବନେଶ୍ୱରର ଏକ ବିଶାଳ ହୋର୍ଡିଂ ଭୁଶୁଡ଼ି ପଡ଼ିବା ଫଳରେ ଏକ ଦୁଃଖଦ ଜୀବନହାନି ଘଟିଥିଲା। ଏହି ଘଟଣା ପରେ ବାଲେଶ୍ୱର ପୌରପାଳିକାର ନିଦ ସାମୟିକ ଭାବେ ଭାଙ୍ଗିଥିଲା ଏବଂ ପ୍ରଶାସନିକ ତତ୍ପରତା ଦେଖାଇ ସହରରୁ କିଛି ବେଆଇନ ହୋର୍ଡିଂ ହଟାଯାଇଥିଲା, ଯାହାକୁ ସହରବାସୀ ମଧ୍ୟ ଆନନ୍ଦର ସହ ସ୍ୱାଗତ କରିଥିଲେ। ମାତ୍ର ଏହି ତତ୍ପରତା ବେଶି ଦିନ ତିଷ୍ଠି ପାରିଲା ନାହିଁ ଏବଂ ଅଧାରୁ ଅଟକିଗଲା। ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ, ଛାତ ଉପରେ ଯେଉଁ ଲୁହା ଷ୍ଟ୍ରକ୍ଚରଗୁଡ଼ିକ ଅସମ୍ପୂର୍ଣ୍ଣ ଭାବେ ଛାଡ଼ି ଦିଆଯାଇଥିଲା, ତାହା ରକ୍ଷଣାବେକ୍ଷଣ ଅଭାବରୁ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ଏହି ଦୁର୍ବଳ ତଥା ଓଜନିଆ ଲୁହା ଢାଞ୍ଚାଗୁଡ଼ିକ କାଳବୈଶାଖୀର ପ୍ରବଳ ପବନରେ ଉପୁଡ଼ି କେତେବେଳେ ଯେ କାହା ଉପରେ ପଡ଼ି ବ୍ୟାପକ ଧନଜୀବନ ନଷ୍ଟ କରିବ, ତାହା କେହି କଳ୍ପନା ମଧ୍ୟ କରିପାରିବେ ନାହିଁ। ତେଣୁ ଏହି ଗୁରୁତର ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ କୌଣସି ବଡ଼ ଧରଣର ଅଘଟଣ ଘଟିବା ପୂର୍ବରୁ ପୌରପାଳିକା ଏକ ଦୃଢ଼, ନିରପେକ୍ଷ ଏବଂ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣ ମହଲରେ ଦୃଢ଼ ଦାବି ହେଉଛି।

# ନଦୀ ଗର୍ଭରୁ ବେଆଇନ ବାଲି ଲୁଟ୍



**ଜଳେଶ୍ୱର:** ଜଳେଶ୍ୱର ତହସିଲ ଅନ୍ତର୍ଗତ କଣ୍ଠାପାଳ ଗ୍ରାମ ନିକଟସ୍ଥ ସୁବର୍ଣ୍ଣରେଖା ନଦୀ ପଠାରୁ ଦୀର୍ଘ ଦିନ ହେବ ବାଲି ମାଫିଆମାନେ ପ୍ରଶାସନର ଆଖିରେ ଧୂଳିଦେଇ ବେଆଇନ ଭାବେ ଦିନରାତି ବାଲି ଉତ୍ତୋଳନ କରୁଛନ୍ତି। ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସଲାସୁତୁରାରେ କିଛି ଅସାଧୁ ଟ୍ରାକ୍ଟର ଏବଂ ଜେସିବି ମାଲିକ ମିଶି ସରକାରୀ ରାଜସ୍ୱ ହରିଲୁଟ୍ କରିବା ସହ ନଦୀର ପ୍ରାକୃତିକ ସନ୍ତୁଳନ ନଷ୍ଟ କରୁଛନ୍ତି। ଏହି ବେଆଇନ କାର୍ଯ୍ୟକଳାପ ଯୋଗୁଁ ନଦୀର କୂଳ ଖାଉଥିବା ବେଳେ ଅଞ୍ଚଳର ଏକମାତ୍ର ସଂଯୋଗୀକରଣ ସେତୁ ପ୍ରତି ଏବେ ବଡ଼ ବିପଦ ସୃଷ୍ଟି ହୋଇଛି, ଯାହା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି।ସୂଚନା ଅନୁଯାୟୀ, କଣ୍ଠାପାଳ ବାଲିଘାଟରୁ ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତି ୧୧ଟା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ରାତି ୧ଟାରୁ ଭୋର ୪ଟା ପର୍ଯ୍ୟନ୍ତ ବେପରୁଆ ଭାବେ ବାଲି ଚୋରାଚାଲାଣ ଚାଲିଛି। ଏହି କାମରେ ପ୍ରାୟ ୨ରୁ ୪ଟି ଜେସିବି ଏବଂ ୫୦ରୁ ଅଧିକ ଟ୍ରାକ୍ଟର ନିୟୋଜିତ ହେଉଛନ୍ତି। ଏଠାରୁ ଲୁଟ୍ ହେଉଥିବା ବାଲି ଜଳେଶ୍ୱର, ଭୋଗରାଇ ଏବଂ ବାଲିଆପାଳ ସମେତ ପଡ଼ୋଶୀ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ମାତ୍ର କେଇ ବର୍ଷ ଭିତରେ ବାଲି ମାଫିଆମାନେ କୋଟି କୋଟି ଟଙ୍କାର ସମ୍ପତ୍ତି ଅର୍ଜନ କରିସାରିଥିବା ବେଳେ ସରକାରୀ ତହବିଲ୍‌କୁ ଟଙ୍କାଟିଏ ମଧ୍ୟ ରାଜସ୍ୱ ମିଳୁନାହିଁ। ଅପରପକ୍ଷରେ, ଦ୍ରୁତଗତିରେ ବାଲି ପରିବହନ ଯୋଗୁଁ ବଡ଼ଖାନପୁର କଣ୍ଠାପାଳ, ଚଡା ଆକନା, ଆକନା ଓ ଚଡ ବ୍ୟାପାର ଆଦି ଗ୍ରାମବାସୀଙ୍କ ଜୀବନଯାତ୍ରା ଦୁର୍ବିସହ ହୋଇପଡ଼ିଛି। ବାଲିଆପାଳ ଭାୟା କାଳିକାପୁର ରାସ୍ତାରେ ନିୟମିତ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଗ୍ରାମବାସୀ ଏହାକୁ ବିରୋଧ କଲେ ନିଶାସକ୍ତ ଅବସ୍ଥାରେ ଥିବା ମାଫିଆମାନେ ମାରଣାସ୍ତ୍ର ଦେଖାଇ ଧମକଚମକ ଦେଉଛନ୍ତି। ଖଣି, ରାଜସ୍ୱ ଓ ପୁଲିସ ବିଭାଗକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ପ୍ରଶାସନର ଭୂମିକା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନୀଳଗିରି ଡାକ୍ତରଖାନାରେ ଚରମ ସ୍ୱାସ୍ଥ୍ୟ ବିପର୍ଯ୍ୟୟ

**ନୀଳଗିରି:** ବାଲେଶ୍ୱର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ସରକାରୀ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ ଏଠାରେ ଚିକିତ୍ସିତ ହେଉଥିବା ଶତାଧିକ ଯକ୍ଷ୍ମା ରୋଗୀ ଏବେ ଜୀବନ-ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସରକାର ଏହି ଅଞ୍ଚଳକୁ ଯକ୍ଷ୍ମାପ୍ରବଣ ଘୋଷଣା କରି ମାଗଣା ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବାସ୍ତବ ଚିତ୍ର ଓଲଟା ଦେଖାଯାଇଛି। ଡାକ୍ତରଖାନାରେ ସ୍ଥାୟୀ ଲ୍ୟାବ୍ ଟେକ୍ନିସିଆନ୍ ନଥିବାରୁ ପ୍ରତିଦିନ ପରୀକ୍ଷା ପାଇଁ ଆସୁଥିବା ୧୦ ରୁ ୧୫ ଜଣ ରୋଗୀ ନିରାଶ ହୋଇ ଫେରୁଛନ୍ତି। ଏହି ଚରମ ଅବ୍ୟବସ୍ଥା ଯୋଗୁଁ ବିଗତ ପାଞ୍ଚ ବର୍ଷ ମଧ୍ୟରେ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସହ ଅନେକ ଧନଜୀବନ ହାନି ଘଟିଛି।




ସୂଚନାଯୋଗ୍ୟ ଯେ, ମେଡିକାଲରେ କାର୍ଯ୍ୟରତ ବ୍ଲକ କ୍ଲଷ୍ଟର ଲ୍ୟାବ୍ ଟେକ୍ନିସିଆନ୍ ନିଜର ବିଭାଗୀୟ କାମ କିମ୍ବା ଛୁଟିରେ ଗଲେ ସମ୍ପୂର୍ଣ୍ଣ ସେବା ବାଧାପ୍ରାପ୍ତ ହେଉଛି। କେବଳ କାଗଜପତ୍ରରେ ସପ୍ତାହକୁ ଦୁଇଦିନ (ସୋମବାର ଓ ଗୁରୁବାର) ଯକ୍ଷ୍ମା ୱାର୍ଡ ଖୋଲିବାକୁ ନିର୍ଦ୍ଦେଶ ଥିଲେ ହେଁ ତାହା ମଧ୍ୟ ନିୟମିତ ହେଉନାହିଁ। ପରିସଂଖ୍ୟାନ ଅନୁଯାୟୀ, ୨୦୨୧ ମସିହାରେ ସର୍ବାଧିକ ୩୮୫ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୬ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ଚଳିତ ବର୍ଷ ମଧ୍ୟ ଏହି ସଂଖ୍ୟା ୪୧୧ ରେ ପହଞ୍ଚିଛି। ପରୀକ୍ଷା ବନ୍ଦ ରହିବା ସହ ରୋଗୀଙ୍କୁ ନିୟମିତ ଔଷଧ ମଧ୍ୟ ମିଳୁନାହିଁ, ଯାହା ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି କରିଛି।

ଗତ ଏପ୍ରିଲ ୨୧ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନୀଳଗିରି ଡାକ୍ତରଖାନା ଗସ୍ତ କରି ୨ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏକ ମାସ ବିତିଯାଇଥିଲେ ବି ପରିସ୍ଥିତିରେ କୌଣସି ସୁଧାର ଆସିନାହିଁ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି, ଯେ ସମସ୍ୟା ବାବଦରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି, ହେଲେ ଏପର୍ଯ୍ୟନ୍ତ କୌଣସି ସମାଧାନର ବାଟ ବାହାରି ନାହିଁ। ବିଭାଗୀୟ ଅବହେଳାକୁ ନେଇ ସ୍ଥାନୀୟ ଜନପ୍ରତିନିଧି ଏବଂ ବିରୋଧୀ ଦଳର ନେତାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

## ରେମୁଣା ରାସ୍ତାରେ ଘଣ୍ଟା ଘଣ୍ଟା ଟ୍ରାଫିକ୍ ଜାମ୍

**ରେମୁଣା:** ବୁଧବାର ଦିନ ବାଲେଶ୍ୱର ଜିଲ୍ଲାର ରେମୁଣା ମୁଖ୍ୟ ରାସ୍ତାରେ ସୃଷ୍ଟି ହୋଇଥିବା ପ୍ରବଳ ଟ୍ରାଫିକ୍ ଜାମ୍ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ପର୍ଯ୍ୟଟକ ଏବଂ ରୋଗୀ ନେଇ ଯାଉଥିବା ଏକାଧିକ ଆମ୍ବୁଲାନ୍ସ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅଟକି ରହିବା ଫଳରେ ଜରୁରୀକାଳୀନ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।ଏହି ସମସ୍ୟାର ମୂଳ କାରଣ ହେଉଛି ରେମୁଣା ବଜାରର ସଂକୀର୍ଣ୍ଣ ରାସ୍ତା, ଯାହାକି ଖୀରଚୋରା ଗୋପୀନାଥ ମନ୍ଦିର ଏବଂ ଇମାମି ଜଗନ୍ନାଥ ମନ୍ଦିର ଭଳି ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳକୁ ସଂଯୋଗ କରୁଥିବା ଏକମାତ୍ର ମୁଖ୍ୟ ରାସ୍ତା। ବିଭିନ୍ନ ଅଞ୍ଚଳରୁ ଆସୁଥିବା ଭାରୀଯାନ ଓ ପର୍ଯ୍ୟଟକଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ଟ୍ରାଫିକ୍ ବ୍ୟବସ୍ଥା ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି।ପ୍ରଶାସନ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ତୁରନ୍ତ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥାରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି।

# ପରିତ୍ୟକ୍ତ କୋଠା ସାଜିଛି ଆଡ୍ଡାସ୍ଥଳୀ।



**ବାଲେଶ୍ୱର:** ବାଲେଶ୍ୱର ସହରରେ ଦିନକୁ ଦିନ ନିଶା କାରବାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୌରପାଳିକାର ୨୫ ନମ୍ବର ୱାର୍ଡରେ ଥିବା ଜରାଜୀର୍ଣ୍ଣ 'ମଣ୍ଡଳ ମାର୍କେଟ' ଏବଂ ସହରର ବିଭିନ୍ନ ପରିତ୍ୟକ୍ତ କୋଠା ତଥା ମିଶନ ଶକ୍ତି ଗୃହଗୁଡ଼ିକ ଏବେ ନିଶାଡ଼ି ଓ ଅସାମାଜିକ ବ୍ୟକ୍ତିଙ୍କ ପେଣ୍ଠସ୍ଥଳରେ ପରିଣତ ହୋଇଛି। ପ୍ରଶାସନିକ ଉଦାସୀନତା ଏବଂ ପୋଲିସ ତଥା ଅବକାରୀ ବିଭାଗର ନିୟମିତ ଯାଞ୍ଚ ଅଭାବରୁ ଅପରାଧୀମାନେ କୌଣସି ପ୍ରତିବନ୍ଧକ ବିନା ଦିନରାତି ୨୪ ଘଣ୍ଟା ଏହି ବେଆଇନ ବ୍ୟବସାୟ ଚଳାଇଛନ୍ତି, ଯାହା ସହରର ସାଧାରଣ ଜୀବନଯାତ୍ରାକୁ ଅତିଷ୍ଠ କରିଦେଇଛି।ସୂଚନା ଅନୁଯାୟୀ, ମଣ୍ଡଳ ମାର୍କେଟ୍ ବିଲ୍ଡିଂଟି ସମ୍ପୂର୍ଣ୍ଣ ଭାବେ ଜରାଜୀର୍ଣ୍ଣ ହୋଇପଡ଼ିଥିବାରୁ ଏହାର ସୁଯୋଗ ନେଇ ନିଶା ବେପାରୀମାନେ ଏହାକୁ ନିଜର ମୁଖ୍ୟ କେନ୍ଦ୍ରବିନ୍ଦୁ କରିଦେଇଛନ୍ତି। ଦ୍ୱିପ୍ରହରଠାରୁ ଆରମ୍ଭ କରି ମଧ୍ୟରାତ୍ରି ପର୍ଯ୍ୟନ୍ତ ଏଠାରେ ନିଶାଦ୍ରବ୍ୟର ଖୋଲାଖୋଲି କାରବାର ଚାଲୁଛି। ଦିନରାତି ନିଶାଡ଼ିଙ୍କ ଭିଡ଼ ଜମୁଥିବାରୁ ସ୍ଥାନୀୟ ଲୋକେ ଉକ୍ତ ସ୍ଥାନକୁ ଯିବା ପାଇଁ ଭୟ କରୁଛନ୍ତି। କେବଳ ସେତିକି ନୁହେଁ, ବାଲିଘାଟ ଅଞ୍ଚଳ ଏବେ ସହରର ସବୁଠାରୁ ବଡ଼ ନିଶା ସପ୍ଲାଇ ହବ୍ ପାଲଟିଛି, ଯେଉଁଠାରୁ ଗଞ୍ଜେଇଠାରୁ ଆରମ୍ଭ କରି ବ୍ରାଉନସୁଗାର ପର୍ଯ୍ୟନ୍ତ ସମସ୍ତ ମାରାତ୍ମକ ସାମଗ୍ରୀ ପୁରୁଣା ବାଲେଶ୍ୱର ସମେତ ସହରର ବିଭିନ୍ନ ପ୍ରାନ୍ତକୁ ଚାଲାଣ କରାଯାଉଛି।ଏହି ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ସ୍ଥାନୀୟ ସଚେତନ ନାଗରିକମାନେ ବାରମ୍ବାର ପୋଲିସ ଓ ଅବକାରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଅଭିଯୋଗ ହେବା ମାତ୍ରେ ବିଭାଗୀୟ କେତେକ ଅସାଧୁ କର୍ମଚାରୀଙ୍କ ଦ୍ୱାରା ନିଶା ମାଫିଆଙ୍କ ପାଖକୁ ଆଗୁଆ ଖବର ପହଞ୍ଚି ଯାଉଥିବା ନେଇ ସନ୍ଦେହ ପ୍ରକାଶ ପାଇଛି, ଯାହାଫଳରେ ଚଢ଼ାଉ ପୂର୍ବରୁ ହିଁ ଅପରାଧୀମାନେ ଫେରାର ହୋଇଯାଉଛନ୍ତି। ଏଭଳି ସ୍ଥିତିରେ ବାଲେଶ୍ୱର ସହରର ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ପରିତ୍ୟକ୍ତ କୋଠାଗୁଡ଼ିକୁ ସୁରକ୍ଷିତ କରିବା ସହ ବେଆଇନ ନିଶା କାରବାର ଉପରେ ତୁରନ୍ତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି।

## ଅସୁରକ୍ଷିତ ଅଙ୍ଗନବାଡ଼ି କେନ୍ଦ୍ର

# ବିପନ୍ନ ହେଉଛି ଶିଶୁଙ୍କ ଭବିଷ୍ୟତ

**ଖନ୍ତାପଡ଼ା:** ବାହାନଗା ବ୍ଲକ ଅଞ୍ଚଳରେ ଦେଶର ଭବିଷ୍ୟତ କୁହାଯାଉଥିବା କୋମଳମତି ଶିଶୁମାନଙ୍କ ସୁରକ୍ଷା ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ସରକାରୀ ଯୋଜନାର ବ୍ୟାପକ ବିଫଳତା କାରଣରୁ ଏଠାରେ କେଉଁଠି ଗଛତଳେ ତ ଆଉ କେଉଁଠି କାହା ପିଣ୍ଡାରେ ଅତି ବିପଜ୍ଜନକ ଅବସ୍ଥାରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ପରିଚାଳିତ ହେଉଛି। ପ୍ରଶାସନିକ ଉଦାସୀନତା ଯୋଗୁଁ କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ିରହିବା ସହ ଶତାଧିକ ଶିଶୁ ଓ ଗର୍ଭବତୀ ମହିଳା ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି, ଯାହାକି ସ୍ଥାନୀୟ ଅଞ୍ଚଳରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି।

ଏହି ବ୍ଲକ ଅନ୍ତର୍ଗତ କସବାଜୟପୁର ପଞ୍ଚାୟତର ମହାଦେବ ସାହିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ବର୍ତ୍ତମାନ ୧୩ ଜଣ ଶିଶୁ ପାଠ ପଢୁଥିବା ବେଳେ ଏହାର ଭିତ୍ତିଭୂମି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପୁରୁଣା ଗୃହର ଛାତରୁ ପ୍ରତିମୁହୂର୍ତ୍ତରେ ସିମେଣ୍ଟ ପ୍ଲାଷ୍ଟର ଚଟା ଖସୁଥିବାରୁ ଶିଶୁମାନଙ୍କ ଜୀବନ ସଦାବେଳେ ବିପଦପୂର୍ଣ୍ଣ ସ୍ଥିତିରେ ରହୁଛି। କେନ୍ଦ୍ରରେ ରୋଷେଇ କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ ନାହିଁ କିମ୍ବା ପିଲାମାନଙ୍କ ପାଇଁ ପାନୀୟ ଜଳ ଓ ପାଖରେ ଶୌଚାଳୟର ବ୍ୟବସ୍ଥା ନାହିଁ। ବାଧ୍ୟ ହୋଇ ଆବଶ୍ୟକ ସମୟରେ ଶିଶୁମାନଙ୍କୁ ନିଜ ନିଜ ଘରକୁ ଯିବାକୁ ପଡୁଛି। ଏହି କେନ୍ଦ୍ର ଉପରେ ୭ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ପ୍ରାୟ ୧୯ ଜଣ ଶିଶୁ ଛତୁଆ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପ୍ରୋତ୍ସାହନ ଖାଦ୍ୟ ପାଇଁ ନିର୍ଭର କରୁଥିବା ବେଳେ ୭ ଜଣ ପ୍ରସୂତି ଓ ଗର୍ଭବତୀ ମହିଳା ମଧ୍ୟ ଏଠାରୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସେବା ପାଇଥାନ୍ତି। ମାତ୍ର ବୈଠକ କିମ୍ବା ଆଲୋଚନା ପାଇଁ ସେଠାରେ ଅଭିଭାବକ ଓ କର୍ମୀମାନଙ୍କ ବସିବାକୁ ଟିକିଏ ହେଲେ ସ୍ଥାନ ନାହିଁ। ସେହିପରି ସମାନ ପଞ୍ଚାୟତର ଭରପଦା ଅଙ୍ଗନବାଡ଼ି କେନ୍ଦ୍ରର ଅବସ୍ଥା ମଧ୍ୟ ଅନୁରୂପ ଭାବେ ଜରାଜୀର୍ଣ୍ଣ ହୋଇ ରହିଛି। ଗୃହଟି ବହୁ ଦିନରୁ ଅଧପନ୍ତରିଆ ହୋଇ ପଡ଼ିରହିଥିବାରୁ ବାଧ୍ୟ ହୋଇ କର୍ମୀଙ୍କ ବାସଭବନରେ କେନ୍ଦ୍ରର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଛି।



ସରକାରୀ ସୂଚନା ମୁତାବକ, ସମଗ୍ର ବ୍ଲକରେ ମୋଟ ୨୪୯ଟି ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଥିବା ବେଳେ ସେଥିମଧ୍ୟରୁ ମାତ୍ର ୧୪୭ଟିର ନିଜସ୍ୱ ଗୃହ ରହିଛି। ବାକି ୧୦୨ଟି କେନ୍ଦ୍ର ମଧ୍ୟରୁ ୧୯ଟି ନୂତନ ଗୃହର ନିର୍ମାଣ କାର୍ଯ୍ୟ ଏବେ ସୁଦ୍ଧା ଚାଲିଛି। ଅନ୍ୟ କେତେକ ସ୍ଥାନରେ ୧୩ଟି ଗୃହର କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଥିଲେ ହେଁ, ତାହା ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ଅପରପକ୍ଷରେ ୬ଟି ଜାଗାରେ ସ୍ଥାନ ନିରୂପଣ ସମସ୍ୟା ଯୋଗୁଁ ନୂତନ ଗୃହ ନିର୍ମାଣ ହୋଇପାରୁ ନଥିବା ବେଳେ ୫ଟି ସ୍ଥାନରେ ନୂତନ ଗୃହ ପାଇଁ ସ୍ଥାନ ଚିହ୍ନଟ ହୋଇଥିଲେ ସୁଦ୍ଧା କାର୍ଯ୍ୟାଦେଶ ଦିଆଯାଇ ନାହିଁ। ଏପରିକି ୨୦୨୫-୨୬ ଆର୍ଥିକ ବର୍ଷରେ ଆହୁରି ୫୯ଟି ନୂତନ ଗୃହ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଠାରେ କାମ ଆରମ୍ଭ ହୋଇପାରି ନାହିଁ। ଏଭଳି ସ୍ଥିତିରେ ବାକି ରହିଯାଇଥିବା ୧୦୨ଟି କେନ୍ଦ୍ର କେଉଁଠି ଗୋଷ୍ଠୀ କେନ୍ଦ୍ର, ବାତ୍ୟା ଆଶ୍ରୟସ୍ଥଳୀ ତ ଆଉ କେଉଁଠି କର୍ମୀଙ୍କ ଘରେ ଚାଲୁଛି।

# ପରୀକ୍ଷା ବିନା ପାସ୍ ହେଉଛି ବିଲ

**ବାଲେଶ୍ୱର:** ରାଜ୍ୟରେ ନିର୍ମାଣ କାର୍ଯ୍ୟ ଏବଂ ଭିତ୍ତିଭୂମି ଉନ୍ନୟନ ବୃଦ୍ଧି ପାଉଥିବା ବେଳେ ଏହାର ଗୁଣବତ୍ତାକୁ ନେଇ ଏବେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲେଶ୍ୱର ଜିଲ୍ଲାରେ ଥିବା ଏମ୍ଏସ୍ଏମ୍ଇ ଅଧୀନସ୍ଥ ଜିଲ୍ଲା ପରୀକ୍ଷଣ ପ୍ରୟୋଗଶାଳାରେ ବର୍ଷକୁ ୫୦ଟି ନମୁନା ମଧ୍ୟ ପରୀକ୍ଷା ହେଉନଥିବା ଏକ ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି। ପୂର୍ବରୁ ଏହି ପ୍ରୟୋଗଶାଳାରେ ବହୁ ସଂଖ୍ୟାରେ ନମୁନା ପରୀକ୍ଷା କରାଯାଉଥିବା ବେଳେ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ଭାବେ ନିଷ୍କ୍ରିୟ ହେବାକୁ ବସିଲାଣି। ଏହାର ସିଧାସଳଖ ପ୍ରଭାବ ସରକାରୀ ରାଜସ୍ୱ ଉପରେ ପଡୁଥିବା ବେଳେ, ରାଜସ୍ୱ ଆଦାୟ ବୃଦ୍ଧି ପାଇବା ପରିବର୍ତ୍ତେ ବର୍ଷକୁ ବର୍ଷ ଆଶ୍ଚର୍ଯ୍ୟଜନକ ଭାବେ ହ୍ରାସ ପାଉଛି। ସରକାରୀ ସଂସ୍ଥା ଏବଂ କାର୍ଯ୍ୟାଳୟଗୁଡ଼ିକ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି ଆଖିବୁଜି ଦେଇଥିବାରୁ, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରକଳ୍ପରେ ବ୍ୟବହୃତ ସାମଗ୍ରୀର ମାନକୁ ନେଇ ସନ୍ଦେହ ଘନୀଭୂତ ହୋଇଛି।




ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ଛାଡ଼ିଦେଲେ ସମଗ୍ର ରାଜ୍ୟରେ କଟକ, ଅନୁଗୁଳ, ରାଉରକେଲା, ବ୍ରହ୍ମପୁର, ବଲାଙ୍ଗୀର ଏବଂ ବାଲେଶ୍ୱର ଭଳି ୬ଟି ସ୍ଥାନରେ ଏହିପରି ପରୀକ୍ଷଣ ପ୍ରୟୋଗଶାଳା ରହିଛି। ବାଲେଶ୍ୱରର ଶିଳ୍ପାଞ୍ଚଳରେ ୧୯୯୦ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଶେଷ ପ୍ରୟୋଗଶାଳାରେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ପରୀକ୍ଷା କରିବାର ସୁବିଧା ଉପଲବ୍ଧ ଅଛି। ଖାସ୍ କରି ସରକାରୀ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଅତ୍ୟାବଶ୍ୟକ କଞ୍ଚାମାଲ ଯେପରିକି ସିମେଣ୍ଟ, ରଡ୍, ଇଟା, ପେଭର ବ୍ଲକ୍ ଏବଂ ବାଲି ଆଦିର ମାନ ଯାଞ୍ଚ କରିବା ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟ। ଏହାବ୍ୟତୀତ ସ୍କୁଲଗୁଡ଼ିକ ପାଇଁ ଯୋଗାଇ ଦିଆଯାଉଥିବା ଡେସ୍କ, ବେଞ୍ଚ, ଟେବୁଲ୍‌ର ଗୁଣବତ୍ତା ଏବଂ ସରକାରୀ ଛାତ୍ରାବାସଗୁଡ଼ିକରେ ପ୍ରଦାନ କରାଯାଉଥିବା ଖାଦ୍ୟର ମାନ ମଧ୍ୟ ଏଠାରେ ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି। ତେବେ ଏତେ ସବୁ ଭିତ୍ତିଭୂମି ଥାଇ ସୁଦ୍ଧା ଏହାର ସଠିକ୍ ବିନିଯୋଗ ନହେବା ପ୍ରଶାସନିକ ଅବହେଳାର ଚରମ ନିଦର୍ଶନକୁ ଦର୍ଶାଉଛି।

ସରକାରୀ ନିୟମ ଅନୁଯାୟୀ, ଯେକୌଣସି ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲେ ସମ୍ପୃକ୍ତ କାର୍ଯ୍ୟାଳୟ ପକ୍ଷରୁ ଚିଠି ମାଧ୍ୟମରେ କଞ୍ଚାମାଲର ନମୁନା ପ୍ରୟୋଗଶାଳାକୁ ପଠାଯିବା ବାଧ୍ୟତାମୂଳକ। ପରୀକ୍ଷଣ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ କୌଣସି ଠିକାଦାରଙ୍କ ବିଲ୍ ପାସ୍ କରାଯିବାର ନିୟମ ନାହିଁ। ଯଦି ପରୀକ୍ଷାରେ କୌଣସି ସାମଗ୍ରୀ ନିମ୍ନମାନର ବୋଲି ପ୍ରମାଣିତ ହୁଏ, ତେବେ ଉକ୍ତ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି। କିନ୍ତୁ ବାସ୍ତବରେ ଏହାର ସମ୍ପୂର୍ଣ୍ଣ ବିପରୀତ ଚିତ୍ର ଦେଖିବାକୁ ମିଳୁଛି। ସରକାରୀ କାର୍ଯ୍ୟାଳୟଗୁଡ଼ିକ ପକ୍ଷରୁ ନା ନମୁନା ପଠାଯାଉଛି, ନା ନିୟମର ଅନୁପାଳନ କରାଯାଉଛି। ବିନା ଗୁଣବତ୍ତା ପ୍ରମାଣପତ୍ରରେ ବିଲ୍ କିପରି ପାସ୍ ହୋଇଯାଉଛି, ତାହା ଦୁର୍ନୀତିର ଏକ ବିରାଟ ଜାଲକୁ ପଦାରେ ପକାଉଛି।

ପ୍ରୟୋଗଶାଳାର ପରିସଂଖ୍ୟାନ ଉପରେ ନଜର ପକାଇଲେ ଅବସ୍ଥାର ଭୟାବହତା ସ୍ପଷ୍ଟ ହୋଇଯାଏ। ପ୍ରାପ୍ତ ସୂଚନା ମୁତାବକ, ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବାଧିକ ୨୪୯ଟି ନମୁନା ପରୀକ୍ଷା କରାଯାଇ ୧ ଲକ୍ଷ ୪୪ ହଜାର ୬୫୦ ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। କିନ୍ତୁ ଏହା ପରଠାରୁ ଏହି ଧାରା ତଳମୁହାଁ ହୋଇଛି। ୨୦୨୪-୨୪ ବର୍ଷରେ ଏହା କମିଯାଇ ୧୦୮ଟି ନମୁନା (୧ ଲକ୍ଷ ୪୨ ହଜାର ୨୦୦ ଟଙ୍କା ରାଜସ୍ୱ) ଏବଂ ୨୦୨୫-୨୬ ବର୍ଷରେ ମାତ୍ର ୪୩ଟି ନମୁନା ପରୀକ୍ଷା କରାଯାଇ କେବଳ ୬୨ ହଜାର ୨୫୦ ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି, ଚଳିତ ବର୍ଷ ମେ ମାସ ଅଧା ପର୍ଯ୍ୟନ୍ତ ମାତ୍ର ୭ଟି ନମୁନା ଆସିଥିବା ବେଳେ ରାଜସ୍ୱ ଆକାରରେ ମାତ୍ର ୮ ହଜାର ୫୫୦ ଟଙ୍କା ମିଳିଛି ଏବଂ ଗତ ଦୁଇମାସ ଧରି ଗୋଟିଏ ହେଲେ ବି ନମୁନା ପରୀକ୍ଷା ପାଇଁ ଏଠାରେ ପହଞ୍ଚି ନାହିଁ ବୋଲି ଗଣମାଧ୍ୟମରୁ ଜଣାଯାଇଛି।

ଗୋଟିଏ ପଟେ ଜିଲ୍ଲାରେ ଉନ୍ନୟନମୂଳକ ତଥା ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ, ଅନ୍ୟପଟେ ସରକାରୀ ପ୍ରୟୋଗଶାଳାରେ ନମୁନା ପରୀକ୍ଷଣ ସଂଖ୍ୟା କମିବା ଅନେକ ସନ୍ଦେହ ସୃଷ୍ଟି କରୁଛି। ଠିକାଦାରମାନେ ସରକାରୀ ପରୀକ୍ଷଣକୁ ଏଡ଼ାଇବା ପାଇଁ ଘରୋଇ ସଂସ୍ଥାରୁ ନକଲି ବା ସନ୍ଦେହଜନକ ରିପୋର୍ଟ ଆଣି ଦାଖଲ କରି ନିଜର ବିଲ୍ ମଞ୍ଜୁର କରାଇ ନେଉଥିବା ଅଭିଯୋଗ ହେଉଛି। ସରକାରୀ କାର୍ଯ୍ୟାଳୟର କିଛି ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ଅବିତର୍କିତ ମଧୁଚନ୍ଦ୍ରିକା ବିନା ଏଭଳି ବେଆଇନ କାର୍ଯ୍ୟ କଦାପି ସମ୍ଭବ ନୁହେଁ। ଏହି ଘଟଣା କେବଳ ରାଜ୍ୟ ରାଜକୋଷକୁ କ୍ଷତି ପହଞ୍ଚାଉ ନାହିଁ, ବରଂ ନିମ୍ନମାନର କାମ ଯୋଗୁଁ ସାଧାରଣ ଭିତ୍ତିଭୂମିର ସ୍ଥାୟୀତ୍ୱ ଓ ଗୁଣବତ୍ତା ଉପରେ ଏକ ବିରାଟ ବିପଦ ସୃଷ୍ଟି କରୁଛି। ସରକାରୀ କାର୍ଯ୍ୟାଳୟଗୁଡ଼ିକର ଏଭଳି ସମ୍ପୃକ୍ତି ଏବେ ଜଳଜଳ ହୋଇ ବାରି ହୋଇପଡୁଛି।

## ସୋନ ନଦୀ ପଥର ପ୍ୟାକିଂ ନିମ୍ନମାନର

**ରେମୁଣା:** ବାଲେଶ୍ୱର ଜଳସମ୍ପଦ ବିଭାଗ ଅଧୀନରେ ରେମୁଣା ବ୍ଲକର ଉଦମ୍ପରରୁ କାଠସଙ୍ଗଡା ପର୍ଯ୍ୟନ୍ତ ସୋନ ନଦୀ ଦକ୍ଷିଣ ପାର୍ଶ୍ୱରେ ନିର୍ମିତ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପଥର ପ୍ୟାକିଂ କାର୍ଯ୍ୟ ନିର୍ମାଣର ଦିନ କେଇଟା ପରେ ହିଁ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ୨୦୨୫ ଫେବୃଆରୀରେ ଆରମ୍ଭ ହୋଇ ଚଳିତ ବର୍ଷ ଜାନୁଆରୀରେ ଶେଷ ହୋଇଥିବା ଏହି କାର୍ଯ୍ୟ ସାମାନ୍ୟ ବର୍ଷାରେ ଧୋଇଯିବା ସହ ଅନେକ ସ୍ଥାନରେ ଦବିଯାଇଛି।

ଏହି ସମଗ୍ର ପ୍ରକଳ୍ପରେ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପ୍ରକଳ୍ପ ପାଇଁ ଅଧିକ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ସୂଚନା ଫଳକରେ ଏଜେନ୍ସିର ନାମ ଓ ପ୍ରକଳ୍ପର ଦୂରତା ଉଲ୍ଲେଖ ନଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ସେ ଘଟଣାର ତଦନ୍ତ କରି ପଦକ୍ଷେପ ନେବେ। ଘଟଣାର ଏକ ନିରପେକ୍ଷ ତଦନ୍ତ ପୂର୍ବକ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାଠସଙ୍ଗଡା ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ପ୍ରାଣହାନି ଆଶଙ୍କାରେ ବ୍ୟବସାୟୀ

**ବାଲେଶ୍ୱର:** ବାଲେଶ୍ୱର ସହରର ପୁରାତନ ମଣ୍ଡଳ ମାର୍କେଟ୍ କମ୍ପ୍ଲେକ୍ସ ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯାଇଥିବାରୁ ସେଠାରେ ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ ଓ ଗ୍ରାହକଙ୍କ ଜୀବନ ବିପନ୍ନ ହୋଇପଡ଼ିଛି। ମାର୍କେଟ୍ କୋଠାର ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବା ବେଳେ ଭିତରପଟୁ ଲୁହା ରଡ଼ ବାହାରି ଆସିଲାଣି। ବିକଳ୍ପ ବ୍ୟବସ୍ଥା ନଥିବାରୁ ବ୍ୟବସାୟୀମାନେ ବାଧ୍ୟ ହୋଇ ଜୀବନକୁ ବାଜି ଲଗାଇ ଏଠାରେ ବେପାର କରୁଛନ୍ତି।

ଦୀର୍ଘଦିନ ଧରି ଏହି କୋଠାର ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। କୋଠାର ଜରାଜୀର୍ଣ୍ଣ ଅବସ୍ଥା ଯୋଗୁଁ ରାତ୍ରି ସମୟରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି, ଯାହା ସ୍ଥାନୀୟ ଅଞ୍ଚଳ ପାଇଁ ଆହୁରି ଚିନ୍ତାର ବିଷୟ ପାଲଟିଛି।

ପୌରପାଳିକା କର୍ତ୍ତୃପକ୍ଷ ତୁରନ୍ତ ଏହି ବିପଦସଙ୍କୁଳ କୋଠାର ମରାମତି କିମ୍ବା ପୁନର୍ନିର୍ମାଣ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି। ମାତ୍ର ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏଭଳି ପୁରୁଣା କୋଠାଗୁଡ଼ିକ ବିପଦ ସଙ୍କେତ ଦେଉଥିବାରୁ ପ୍ରଶାସନ ପକ୍ଷରୁ ସମୟୋପଯୋଗୀ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

ବିଭାଗୀୟ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି ଯେ ବିପଦପୂର୍ଣ୍ଣ କୋଠାଗୁଡ଼ିକ ଉପରେ ନଜର ରଖାଯାଇଛି ଏବଂ ଆବଶ୍ୟକ ସ୍ଥଳେ ଆଇନ ଅନୁଯାୟୀ ନୋଟିସ୍ ଜାରି କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଘଟଣାସ୍ଥଳରେ ବାସ୍ତବ କାର୍ଯ୍ୟାନୁଷ୍ଠାନ କେବେ ଆରମ୍ଭ ହେବ, ତାହାକୁ ନେଇ ସନ୍ଦେହ ଲାଗି ରହିଛି।

# ବାଲେଶ୍ୱରରେ ବଢୁଛି ବଜ୍ରପାତ ମୃତ୍ୟୁ

**ବାଲେଶ୍ୱର:** ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଚିତ ବାଲେଶ୍ୱରରେ ବଜ୍ରପାତ ସାଂଘାତିକ ରୂପ ନେଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଏହି ଜିଲ୍ଲାରେ ବଜ୍ରପାତ ଜନିତ ଘଟଣାରେ ମୋଟ ୧୧୮ ଜଣ ବ୍ୟକ୍ତି ନିଜର ପ୍ରାଣ ହରାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ବାରମ୍ବାର ସଚେତନତା ସୃଷ୍ଟି କରାଯାଉଥିଲେ ମଧ୍ୟ ଲୋକଙ୍କ ଅସାବଧାନତା ଯୋଗୁଁ ମୃତ୍ୟୁ ହାର କମିବାର ନାଁ ନେଉନାହିଁ, ଯାହା ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି।



ପାଣିପାଗ ବିଶେଷଜ୍ଞଙ୍କ ମତରେ, ଭୌଗୋଳିକ ଅବସ୍ଥିତି ଯୋଗୁଁ ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ଜିଲ୍ଲାଗୁଡ଼ିକ 'କାଳବୈଶାଖୀ ଜୋନ୍' ଅନ୍ତର୍ଗତ ରହିଛି। ବିଶେଷକରି ଲୋ-ପ୍ରେସର ବେଲ୍ଟ ସମୟରେ ଏହି ଅଞ୍ଚଳରେ ବଜ୍ରପାତର ଆଶଙ୍କା ଅଧିକ ରହିଥାଏ। ତେବେ ଖରାପ ପାଗ ସତ୍ତ୍ୱେ ଲୋକେ ବାହାରକୁ ବାହାରିବା ଏବଂ ସଚେତନତାର ଅଭାବ ହିଁ ଏତେ ସଂଖ୍ୟକ ମୃତ୍ୟୁର ପ୍ରମୁଖ କାରଣ ବୋଲି ଚିହ୍ନଟ କରାଯାଇଛି।

ଏହି ସମସ୍ୟାର ମୁକାବିଲା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଥିଲେ ମଧ୍ୟ ତାହା ଆଶାନୁରୂପ ସଫଳ ହେଉନାହିଁ। କେବଳ ସରକାରୀ ନିର୍ଦ୍ଦେଶାବଳୀ ନୁହେଁ, ବରଂ ବଜ୍ରପାତ ସମୟରେ ଘର ଭିତରେ ରହିବା ଭଳି ସତର୍କତା ହିଁ ଜୀବନ ବଞ୍ଚାଇବାର ଏକମାତ୍ର ଉପାୟ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ, ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ନେଇ ମଧ୍ୟ ଅନେକ ଅଭିଯୋଗ ଆସୁଥିବାରୁ ପ୍ରଶାସନ ଏଦିଗରେ ଅଧିକ ସତର୍କ ହେବା ଆବଶ୍ୟକ।

# ୨ କନେଷ୍ଟବଳଙ୍କ ଭରସାରେ ଇଶ୍ୱରପୁର ଫାଣ୍ଡି

**ନୀଳଗିରି:** ନୀଳଗିରି ଅଞ୍ଚଳର ଇଶ୍ୱରପୁର ଫାଣ୍ଡିରେ ଦୀର୍ଘ ୪ ମାସ ହେବ କୌଣସି ନିୟମିତ ଅଧିକାରୀ ନଥିବାରୁ ଏଠାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ମାତ୍ର ୨ ଜଣ କନେଷ୍ଟବଳଙ୍କ ଜରିଆରେ ଚାଲୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ଫାଣ୍ଡିରେ ଉପଯୁକ୍ତ ନେତୃତ୍ୱ ଅଭାବରୁ ଅଞ୍ଚଳରେ ଚୋରି, ଲୁଟ୍ ଓ ଅନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।ଅତୀତରେ ଜଣେ ଦକ୍ଷ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ଅଞ୍ଚଳରେ ଅପରାଧ ଉପରେ ରୋକ ଲାଗିଥିବା ବେଳେ, ପରବର୍ତ୍ତୀ ସମୟରେ ରାଜନୈତିକ ଚାପରେ ତାଙ୍କୁ ବଦଳି କରାଯିବା ଏବଂ ସେହି ସ୍ଥାନରେ ନୂତନ ଅଧିକାରୀଙ୍କୁ ନିଯୁକ୍ତି ନ ଦେବା ଫଳରେ ଦୁର୍ବୃତ୍ତମାନେ ବେଧଡ଼କ ଭାବେ ଅପରାଧ ଘଟାଉଛନ୍ତି। ପବିତ୍ର ଧର୍ମପୀଠ ଠାରୁ ଆରମ୍ଭ କରି ଜନବସତି ପର୍ଯ୍ୟନ୍ତ ସବୁଠି ଅସୁରକ୍ଷିତ ଅନୁଭବ କରୁଥିବା ସାଧାରଣ ଲୋକେ ଏବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ହସ୍ତକ୍ଷେପକୁ ଅପେକ୍ଷା କରିଛନ୍ତି।ଫାଣ୍ଡିର ଏହି ଶୋଚନୀୟ ଅବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ, ତୁରନ୍ତ ଜଣେ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ଦାବି ଜୋର ଧରିଛି। ଅଧିକାରୀଙ୍କ ଅନୁପସ୍ଥିତିରେ ଅପରାଧୀଙ୍କ ମନୋବଳ ଯେପରି ବଢ଼ିବାରେ ଲାଗିଛି, ତାହା ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି।

# ବ୍ୟୟବରାଦ ବଢ଼ିଲେ ବି ଚାଷୀ ହତାଶ



**ବାଲେଶ୍ୱର:** ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାର ହଜାର ହଜାର ଚାଷୀଙ୍କୁ ଆର୍ଥିକ ସମୃଦ୍ଧି ଓ ଜଳସେଚନ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସୁବର୍ଣ୍ଣରେଖା ଓ ବାଙ୍କତାରା ଭଳି ବହୁମୁଖୀ ଜଳସେଚନ ପ୍ରକଳ୍ପ ଦୀର୍ଘ ତିନି ଦଶନ୍ଧି ପରେ ବି ଜମି ଅଧିଗ୍ରହଣ ସମସ୍ୟା, ପ୍ରଶାସନିକ ଅବହେଳା ଓ ବିଭାଗୀୟ ସମନ୍ୱୟ ଅଭାବରୁ ସମ୍ପୂର୍ଣ୍ଣ ହୋଇନପାରି ଅଧୁରା ଅବସ୍ଥାରେ ପଡ଼ିରହିଛି। ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାରେ ବିଳମ୍ବ ଯୋଗୁଁ ବ୍ୟୟବରାଦ କୋଟି କୋଟି ଟଙ୍କା ବୃଦ୍ଧି ପାଉଥିଲେ ହେଁ, ବାସ୍ତବ କ୍ଷେତ୍ରରେ ଚାଷୀ ଜମିକୁ ପାଣି ମାଡ଼ିପାରୁ ନଥିବାରୁ ସ୍ଥାନୀୟ କୃଷକ ସମାଜ ମଧ୍ୟରେ ତୀବ୍ର ନିରାଶା ଓ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।ସରକାରୀ ସୂଚନା ଅନୁଯାୟୀ, ଭୋଗରାଇ ବ୍ଲକରେ ନିର୍ମାଣ ହେବାକୁ ଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପ୍ରାରମ୍ଭିକ କାର୍ଯ୍ୟ ୧୯୯୬ ମସିହାରେ ଆରମ୍ଭ ହୋଇଥିଲା। ସେହି ସମୟରେ ଏହି ମେଗା ପ୍ରକଳ୍ପ ପାଇଁ ମୋଟ ୭୯୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ବର୍ତ୍ତମାନ ତାହା ପ୍ରାୟ ଚାରିଗୁଣ ବୃଦ୍ଧି ପାଇ ୧୦୨୦୯ କୋଟି ଟଙ୍କାରେ ପହଞ୍ଚିଛି। ଏହି ଯୋଜନା ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ୫୭ଟି ପଞ୍ଚାୟତର ୩୨ ହଜାର ୩୦୩ ହେକ୍ଟର ଏବଂ ବାଲେଶ୍ୱର ଜିଲ୍ଲାର ୧୦ଟି ପଞ୍ଚାୟତର ୭୩୯୧ ହେକ୍ଟର ଚାଷଜମି ଜଳସେଚିତ ହେବାର ଲକ୍ଷ୍ୟ ରହିଥିଲା, ମାତ୍ର ଦୀର୍ଘ ୩୦ ବର୍ଷ ପରେ ମଧ୍ୟ କାର୍ଯ୍ୟ ସମାପ୍ତ ହେବା ଦୂରର କଥା, ଏହାର ଚିହ୍ନବର୍ଣ୍ଣ ବି ଦେଖିବାକୁ ମିଳୁନାହିଁ।ଅନୁରୂପ ଭାବେ ରେମୁଣା ବ୍ଲକର ବାଙ୍କତାରା ଜଳସେଚନ ପ୍ରକଳ୍ପ ମଧ୍ୟ ଗତ କିଛି ଦଶନ୍ଧି ହେବ କେବଳ ଘୋଷଣାରେ ସୀମିତ ହୋଇ ରହିଯାଇଛି। ବାସ୍ତବ ସ୍ଥିତିରେ ଏହି ପ୍ରକଳ୍ପ ପାଇଁ ୨୦୨୩ ମସିହାରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା ଏବଂ ପ୍ରଥମ ପର୍ଯ୍ୟାୟରେ ୩୭୬ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ବ୍ୟୟ ଅଟକଳ ୫୦୫ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲେ ସୁଦ୍ଧା ସଦର, ରେମୁଣା ଓ ବସ୍ତା ବ୍ଲକର ପ୍ରାୟ ୭୩୦୦ ହେକ୍ଟର ଜମିକୁ ଜଳ ଯୋଗାଇବା ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବଡ଼ ବିବାଦ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଉଥିଲେ ମଧ୍ୟ ବିସ୍ଥାପନ ଓ କ୍ଷତିପୂରଣ ସମସ୍ୟା ଯୋଗୁଁ ସମଗ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ଥଗିତ ହୋଇଯାଇଛି।ଏହି ସମ୍ପର୍କରେ ବାଲେଶ୍ୱର ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ବିକ୍ରମ ମଲ୍ଲିକ ସୂଚନା ଦେଇଛନ୍ତି ଯେ, ସୁବର୍ଣ୍ଣରେଖା ପ୍ରକଳ୍ପ ଅତି ପୁରୁଣା ହୋଇଥିବାରୁ ଏବଂ ଏହା ଦ୍ୱାରା ବହୁ ସଂଖ୍ୟାରେ ଲୋକ ବିସ୍ଥାପିତ ହେଉଥିବାରୁ ଅନେକ ବୈଷୟିକ ଓ ସାମାଜିକ ସମସ୍ୟା ଉପୁଜିଛି। ଏହାର ବିକଳ୍ପ ସ୍ୱରୂପ ଡ୍ରେନେଜ୍ ବିଭାଗ ଜରିଆରେ ୨୦୦ କୋଟି ଟଙ୍କାର ଅନ୍ୟ ଏକ ନୂତନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି, ଯାହା ବର୍ତ୍ତମାନ ଜମି ଅଧିଗ୍ରହଣ ସ୍ଥିତିରେ ରହିଛି।

# ଜଳେଶ୍ୱରରେ ଜଟିଳ ହେଉଛି ଟ୍ରାଫିକ ସମସ୍ୟା

**ଜଳେଶ୍ୱର:** ବାଲେଶ୍ୱର ଜିଲ୍ଲାର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର କୁହାଯାଉଥିବା ଜଳେଶ୍ୱର ସହରରେ ଦିନକୁ ଦିନ ଯାନବାହନ ଚଳାଚଳ ବୃଦ୍ଧି ପାଉଥିବା ବେଳେ ବେଆଇନ ପାର୍କିଂ ଓ ଅଣଓସାରିଆ ରାସ୍ତା ଯୋଗୁଁ ତୀବ୍ର ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହେଉଛି। ପ୍ରତିଦିନ ସ୍ଥାନୀୟ ଅଞ୍ଚଳ ସମେତ ପଡ଼ୋଶୀ ପଶ୍ଚିମବଙ୍ଗର ହଜାର ହଜାର ଲୋକ ନିଜର ଦୈନନ୍ଦିନ ଜୀବିକା ଓ ବ୍ୟବସାୟ ପାଇଁ ଏହି ସହର ଉପରେ ନିର୍ଭର କରୁଥିବାରୁ ମୁଖ୍ୟ ଛକଗୁଡ଼ିକରେ ପ୍ରବଳ ଗହଳି ଦେଖାଯାଉଛି। ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନର ସୂତ୍ର ବାହାର କରାଯାଉ ନ ଥିବାରୁ ଏବଂ ସୀମିତ ପୁଲିସ କର୍ମଚାରୀଙ୍କ ଦ୍ୱାରା ବ୍ୟବସ୍ଥା ପରିଚାଳନା କରାଯାଉଥିବାରୁ ସାଧାରଣ ଯାତ୍ରୀ ଓ ସ୍ଥାନୀୟ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ସହରର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା ବଡ଼ବଜାର ଛକ,



ଷ୍ଟେସନ ଛକ, ହାଟ ଛକ ଏବଂ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଏହି ସମସ୍ୟା ଅଧିକ ଉଗ୍ର ରୂପ ଧାରଣ କରୁଛି। ଦୈନିକ ଓ ସାପ୍ତାହିକ ହାଟ ସମୟରେ ପରିସ୍ଥିତି ଅଣାୟତ୍ତ ହେଉଥିବା ବେଳେ ବ୍ୟବସାୟୀମାନେ ନିଜ ଦୋକାନ ଗୃହ ବାହାରକୁ ରାସ୍ତା ଉପରକୁ ମାଡ଼ି ବସୁଥିବା ଅଭିଯୋଗ ହେଉଛି। ମାଲବାହୀ ଟ୍ରକ୍ ଏବଂ ଭାରୀଯାନଗୁଡ଼ିକ ଦିନ ସମୟରେ ସହର ମଧ୍ୟରେ ପ୍ରବେଶ କରି ଅନଲୋଡିଂ କରୁଥିବାରୁ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଯାଉଛି, ଯାହା ଫଳରେ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ମଧ୍ୟ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛି।ଏହି ସଙ୍କଟର ସ୍ଥାୟୀ ପ୍ରତିକାର ପାଇଁ ପୂର୍ତ୍ତ ବିଭାଗ, ରାଜସ୍ୱ ବିଭାଗ, ପୌର ପ୍ରଶାସନ ଓ ଆରକ୍ଷୀ ବାହିନୀ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଅଭାବ ଥିବା ସ୍ପଷ୍ଟ ଜଣାପଡୁଛି। ପୂର୍ବରୁ ପ୍ରଶାସନ ପକ୍ଷରୁ ଭାରୀଯାନ ପ୍ରବେଶ ଉପରେ କେତେକ କଟକଣା ଜାରି କରାଯାଇଥିଲେ ହେଁ ତାହା କେବଳ କାଗଜପତ୍ରରେ ସୀମିତ ରହିଛି। ସହରର ବିପର୍ଯ୍ୟସ୍ତ ରାସ୍ତାଘାଟର ସଂପ୍ରସାରଣ କରିବା ସହ ବେଆଇନ ଜବରଦଖଲ ଉଚ୍ଛେଦ କରିବା ଏବଂ ଏକ ନିର୍ଦ୍ଦିଷ୍ଟ ପାର୍କିଂ ଜୋନ୍ ନିର୍ମାଣ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସମାଜସେବୀମାନେ ଦୃଢ଼ ଦାବି କରିଛନ୍ତି।

# ଆବର୍ଜନା କୁଣ୍ଡ ବଣ୍ଟନରେ ଅନିୟମିତତା

**ନୀଳଗିରି:** ନୀଳଗିରି ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଆବର୍ଜନା କୁଣ୍ଡ ବଣ୍ଟନକୁ କେନ୍ଦ୍ର କରି ଏକ ଗମ୍ଭୀର ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ ଯେ, ଏହି ପଞ୍ଚାୟତ ନୀଳଗିରି ଅଞ୍ଚଳର ସର୍ବବୃହତ ପଞ୍ଚାୟତ ଭାବେ ପରିଗଣିତ ହେଉଥିବା ବେଳେ ଏଠାରେ ମୋଟ ୧୯ଟି ଗ୍ରାମ ରହିଛି, ଯାହାର ଏକ ବୃହତ୍ ଅଂଶ ଜଙ୍ଗଲବହୁଳ ଅଞ୍ଚଳରେ ଅବସ୍ଥିତ। ତେବେ ଏହି ଉପାନ୍ତ ଅଞ୍ଚଳରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ପରିବର୍ତ୍ତେ ପରିମଳ ବ୍ୟବସ୍ଥାରେ ବ୍ୟାପକ ଦୁର୍ନୀତି ଏବଂ ସ୍ୱଜନପ୍ରୀତି କରାଯାଉଥିବାର ସଙ୍ଗୀନ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। ଜନସାଧାରଣଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ ଆବର୍ଜନା କୁଣ୍ଡଗୁଡ଼ିକୁ ପ୍ରଦାନ କରିବାରେ ବ୍ୟାପକ ଭାବେ ପ୍ରୀୟାପ୍ରୀତି ତୋଷଣ କରାଯାଉଥିବା ବେଳେ ଠିକାଦାରମାନେ ଅତ୍ୟନ୍ତ ନିମ୍ନମାନର କାମ କରୁଥିବା ଦେଖିବାକୁ ମିଳୁଛି।

ଅଭିଯୋଗ ଅନୁଯାୟୀ, ଭିବିଜି-ରାମ-ଜୀ ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଏହି ଆବର୍ଜନା କୁଣ୍ଡ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ରାଜନୈତିକ ପ୍ରଭାବ ସ୍ପଷ୍ଟ ବାରି ହୋଇପଡୁଛି। ଯେଉଁ ଠିକାଦାରମାନେ ନିର୍ଦ୍ଦିଷ୍ଟ ଗ୍ରାମରେ ଆବର୍ଜନା କୁଣ୍ଡ ବସାଇବା ପାଇଁ ଦାୟିତ୍ୱ ପାଇଛନ୍ତି, ସେମାନେ ପ୍ରଥମେ ସେହି ଗ୍ରାମର ୱାର୍ଡ଼ ମେମ୍ବରମାନଙ୍କ ସହ ଯୋଗାଯୋଗ କରୁଛନ୍ତି। ୱାର୍ଡ଼ ମେମ୍ବରମାନଙ୍କ ଦ୍ୱାରା ଦିଆଯାଉଥିବା ନିଜସ୍ୱ ତାଲିକା ଏବଂ ଦଳୀୟ କର୍ମୀଙ୍କ ନାମ ଅନୁଯାୟୀ ହିତାଧିକାରୀଙ୍କୁ ଚୟନ କରାଯାଉଛି, ଯାହା ସରକାରୀ ନିୟମର ସମ୍ପୂର୍ଣ୍ଣ ବିରୋଧୀ। ଏଭଳି ଏକପାଖିଆ ମନୋଭାବ ଯୋଗୁଁ ପ୍ରକୃତ ହିତାଧିକାରୀମାନେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ କେବଳ ଦଳୀୟ କର୍ମୀମାନଙ୍କୁ ଖୁସି କରିବା ପାଇଁ ଏଭଳି ସରକାରୀ ସମ୍ପତ୍ତିକୁ ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହାର କରାଯାଉଥିବା ନେଇ ୱାର୍ଡ଼ ମେମ୍ବରଙ୍କ ସମେତ ଅନେକ ସଚେତନ ନାଗରିକ ପ୍ରଶ୍ନ ଉଠାଇଛନ୍ତି।

ପ୍ରଥମ ପୃଷ୍ଠାରୁ ...

## ଶିକ୍ଷକ ଅଭାବ...

ରହି ପାଠ ପଢ଼ିବାର ସୁବିଧା ଥିବା ବେଳେ ସେଠାରେ ଅନୁମୋଦିତ ୭ଟି ଶିକ୍ଷକ ପଦବୀରୁ ୨ଟି ଖାଲି ପଡ଼ିଛି। ସେହିପରି ହ୍ୟାଣ୍ଡିକ୍ୟାପଡ୍ ୱେଲଫେୟାର ଇନଷ୍ଟିଚ୍ୟୁସନ୍‌ର ବଧିରମାନଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା; ଏଠାରେ ୧୦ଟିରୁ ୪ଟି ଶିକ୍ଷକ ପଦବୀ ଖାଲି ରହିଛି। ଅନ୍ୟପକ୍ଷରେ 'ଦ ୱେଲଫେୟାର' ଦ୍ୱାରା ପରିଚାଳିତ ଦୃଷ୍ଟିବାଧିତ ବିଦ୍ୟାଳୟରେ ୧୧୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବାବେଳେ ସେଠାରେ ୨ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହା ବ୍ୟତୀତ ମଦର ଟେରେସା ସେବା ସଂଘ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଜଣେ, 'ଆଶା' ଦ୍ୱାରା ପରିଚାଳିତ ସ୍କୁଲରେ ୨ଟି ଏବଂ ମହାଲ ୟୁଥ୍ କ୍ଲବ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଗୋଟିଏ ଶିକ୍ଷକ ପଦବୀ ଖାଲି ପଡ଼ିଛି। କେବଳ ଭାଗବତ ଇନଷ୍ଟିଚ୍ୟୁସନ୍ ଦ୍ୱାରା ପରିଚାଳିତ ସ୍କୁଲରେ ସମସ୍ତ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିବା ବେଳେ ସେଠାରେ ଗୋଟିଏ ଅଣଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିଥିବା ସୂଚନା ମିଳିଛି। ଏତେ ସଂଖ୍ୟକ ଖାଲି ପଦବୀ ଜିଲ୍ଲାରେ ଦିବ୍ୟାଙ୍ଗ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ସମ୍ପୂର୍ଣ୍ଣ ପଦାରେ ପକାଇଛି।



ଏହି ଗୁରୁତର ସମସ୍ୟାର ମୂଳ କାରଣ ଖୋଜିବାକୁ ଗଲେ ପ୍ରଶାସନିକ ନିୟମ ପରିବର୍ତ୍ତନ ଏକ ପ୍ରଧାନ ବାଧକ ଭାବେ ସାମ୍ନାକୁ ଆସୁଛି। ପୂର୍ବରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଖବରକାଗଜରେ ବିଜ୍ଞାପନ ପ୍ରକାଶ କରିବା ସହ ସାକ୍ଷାତକାର ମାଧ୍ୟମରେ ଯୋଗ୍ୟ ପ୍ରାର୍ଥୀ ଚୟନ କରି ଏହି ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ପ୍ରଦାନ କରୁଥିଲେ। ମାତ୍ର ସରକାରୀ ନିୟମରେ ଅଚାନକ ପରିବର୍ତ୍ତନ ଆସିବା ପରେ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ବାଟବଣା ହୋଇଯାଇଛି। ନୂତନ ନିୟମ ଅନୁଯାୟୀ ବର୍ତ୍ତମାନ ଜିଲ୍ଲା କମିଟି ନିଜେ ଏହି ଦିବ୍ୟାଙ୍ଗ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି କରିପାରୁନାହାନ୍ତି। ନୂତନ ନିୟମ ଯୋଗୁଁ ସ୍ଥାନୀୟ ସ୍ତରରେ ପଦକ୍ଷେପ ନେବା ସମ୍ଭବପର ହେଉନାହିଁ। ତେବେ ପ୍ରଶାସନିକ କଳର ନିର୍ଦ୍ଦେଶକୁ ଅପେକ୍ଷା କରିବାର ଦୀର୍ଘସୂତ୍ରୀ ନୀତି ଯୋଗୁଁ ନିରୀହ ଦିବ୍ୟାଙ୍ଗ ପିଲାମାନଙ୍କର ଅମୂଲ୍ୟ ସମୟ ଓ ଭବିଷ୍ୟତ ନଷ୍ଟ ହେଉଛି, ଯାହାକି ଏକ ସମ୍ବେଦନଶୀଳ ସମାଜ ପାଇଁ ଆଦୌ ଗ୍ରହଣୀୟ ନୁହେଁ।

## ଦରମା ମୋଟା....

ଘରୋଇ ସ୍କୁଲ ଭଳି ସରକାରୀ ସ୍କୁଲରେ ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ତଥା ନିବିଡ଼ ସମ୍ପର୍କ ସ୍ଥାପନ ହୋଇପାରୁନାହିଁ, ଯାହାଦ୍ୱାରା ପିଲାଙ୍କ ବ୍ୟକ୍ତିଗତ ଅଗ୍ରଗତି ପ୍ରତି ଧ୍ୟାନ ଦିଆଯାଇପାରୁନାହିଁ। ଯଦି ସରକାରୀ ସ୍କୁଲଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଏ ଏବଂ ଶିକ୍ଷାଦାନ ପ୍ରକ୍ରିୟାକୁ ସୁଦୃଢ଼ କରାଯାଏ, ତେବେ ଏହି ବିଦ୍ୟାଳୟଗୁଡ଼ିକ ଉତ୍ତମ ପ୍ରଦର୍ଶନ କରିବା ସହିତ ଆଗାମୀ ଦିନରେ ଅଧିକରୁ ଅଧିକ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିବାରେ ସଫଳ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।

ପ୍ରଦେଶ ବାର୍ତ୍ତା

# ବଢ଼ିଲା ଭାରତର କ୍ଷମତା

**ବାଲେଶ୍ୱର:** ଓଡ଼ିଶାର ଉପକୂଳବର୍ତ୍ତୀ ଡଃ ଏ.ପି.ଜେ. ଅବଦୁଲ କଲାମ ଦ୍ୱୀପରୁ ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଏକ ଅଭୂତପୂର୍ବ ସଫଳତା ହାସଲ ହୋଇଛି। ଗତକାଲି ସେଠାରେ 'ମଲ୍ଟିପଲ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେଡ୍ ରି-ଏଣ୍ଟ୍ରି ଭେଇକିଲ୍' ସିଷ୍ଟମ୍ ସହିତ ଅତ୍ୟାଧୁନିକ ଅଗ୍ନି ମିସାଇଲ୍‌ର ଏକ ସଫଳ ପରୀକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷଣ ଭାରତର କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟାରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଥିବା ବେଳେ ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛି। ଏହି ଅତ୍ୟାଧୁନିକ ମିସାଇଲଟି ଭାରତ ମହାସାଗରର ଏକ ବିଶାଳ ଭୌଗୋଳିକ କ୍ଷେତ୍ରକୁ ଆଖି ଆଗରେ ରଖି ନିର୍ମିତ ହୋଇଛି, ଯେଉଁଠାରେ ସ୍ଥାନୀୟ ଭାବେ ଚିହ୍ନଟ କରାଯାଇଥିବା ବିଭିନ୍ନ



ଲକ୍ଷ୍ୟସ୍ଥଳକୁ ସଠିକ୍ ଭାବେ ଭେଦ କରିବାରେ ଏହା ସକ୍ଷମ ହୋଇଛି।

ଏହି ପରୀକ୍ଷଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ଏକାଧିକ ପେଲୋଡ୍ ବହନ କରିବାର କ୍ଷମତା। କ୍ଷେପଣାସ୍ତ୍ରଟି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବା ସମୟରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରାଯାଇଥିଲା। ଏହି ପ୍ରକ୍ରିୟାରେ ଏକାଧିକ ଭୂମି ଏବଂ ଜାହାଜଭିତ୍ତିକ ଷ୍ଟେସନଗୁଡ଼ିକ ଦ୍ୱାରା ନିରନ୍ତର ଭାବେ ଟେଲିମେଟ୍ରି ଏବଂ ଟ୍ରାକିଂ କରାଯାଇଥିଲା। ଏହି ସିଷ୍ଟମଗୁଡ଼ିକ କ୍ଷେପଣାସ୍ତ୍ର ଉତକ୍ଷେପଣ ହେବା ମାତ୍ରେ ସମସ୍ତ ପେଲୋଡ୍‌ର ଗତିବିଧିକୁ ନିରୀକ୍ଷଣ କରିଥିଲେ ଏବଂ ପ୍ରଭାବ ପଡ଼ିବା ପର୍ଯ୍ୟନ୍ତ ଏହାର ସମ୍ପୂର୍ଣ୍ଣ ପଥକୁ ସଫଳତାର ସହ ଟ୍ରାକ୍ କରିବାରେ ସଫଳ ହୋଇଥିଲେ, ଯାହା ମିସାଇଲର ସଠିକତା ଏବଂ ନିର୍ଭରଯୋଗ୍ୟତାକୁ ପ୍ରମାଣିତ କରୁଛି।

ଏହି ସଫଳ ପରୀକ୍ଷଣ ସହିତ ଭାରତ ପୁଣିଥରେ ପ୍ରମାଣ କରିଛି ଯେ, ଗୋଟିଏ କ୍ଷେପଣାସ୍ତ୍ର ପ୍ରଣାଳୀ ବ୍ୟବହାର କରି ଏକାଧିକ ରଣନୈତିକ ଲକ୍ଷ୍ୟକୁ ଏକକାଳୀନ ଭାବେ ଟାର୍ଗେଟ୍ କରିବାର କ୍ଷମତା ଭାରତୀୟ ସେନା ପାଖରେ ରହିଛି। ଏହି ଅତ୍ୟାଧୁନିକ କ୍ଷେପଣାସ୍ତ୍ର ପ୍ରଣାଳୀଟି ସମ୍ପୂର୍ଣ୍ଣ ଭାବେ ଦେଶବ୍ୟାପୀ ଶିଳ୍ପ ସହଯୋଗ ଏବଂ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂସ୍ଥାର ବୈଜ୍ଞାନିକମାନଙ୍କ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ହୋଇଛି। ଦେଶର ସୁରକ୍ଷା କ୍ଷେତ୍ରରେ ଏହି ବଡ଼ ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି ଏବଂ ଏହି ଅଭିଯାନ ସହ ଜଡ଼ିତ ଉଜଜଡଂ ଓ ଭାରତୀୟ ସେନାର ପ୍ରଶଂସା କରିଛନ୍ତି। ଏହି ସଫଳତା ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ଆହୁରି ମଜବୁତ କରିଛି।

# ବର୍ଣ୍ଣ ଓ୍ୱାର୍ଡରେ ତାଲା

**ବାଲେଶ୍ୱର:** ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବାକୁ ନେଇ ଏବେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହସ୍ପିଟାଲର ବର୍ଣ୍ଣ ଓ୍ୱାର୍ଡରେ ଦୀର୍ଘ ଦିନ ଧରି ତାଲା ଝୁଲୁଥିବାରୁ ଏହା ଏକ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି, ଯାହା ସାଧାରଣ ରୋଗୀଙ୍କ ପାଇଁ ଅତ୍ୟନ୍ତ ଚିନ୍ତାର ବିଷୟ ପାଲଟିଛି। ଉଲ୍ଲେଖନୀୟ ଯେ, ମାସେ କି ଦୁଇ ମାସ ନୁହେଁ, ପାଖାପାଖି ବର୍ଷେ ହେବ ଏହି ଓ୍ୱାର୍ଡଟି ବନ୍ଦ ହୋଇ ପଡ଼ିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଯେତେବେଳେ ବାଲେଶ୍ୱର ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ ହେଲା, ସେହି ସମୟରୁ କିଛି ଦିନ ପାଇଁ ବର୍ଣ୍ଣ ଓ୍ୱାର୍ଡକୁ ବନ୍ଦ ରଖାଯାଇଥିଲା। ତେବେ ଦୁର୍ଭାଗ୍ୟବଶତଃ, ଏହି ବନ୍ଦ ହେବାର ପ୍ରକ୍ରିୟା ସ୍ଥାୟୀ ରୂପ ନେଇଗଲା ଏବଂ ଆଜି ପର୍ଯ୍ୟନ୍ତ ଏହା ଖୋଲିପାରି ନାହିଁ। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ରୋଗୀଙ୍କ ସଂଖ୍ୟା କମିଯିବାରୁ ଓ୍ୱାର୍ଡକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଯଦି ବର୍ଣ୍ଣ ଓ୍ୱାର୍ଡ ବନ୍ଦ ରହିବ, ତେବେ ଅଗ୍ନିକାଣ୍ଡ ବା ଅନ୍ୟ କୌଣସି ଦୁର୍ଘଟଣାରେ ପୋଡ଼ି ହୋଇ ଆସୁଥିବା ଗୁରୁତର ରୋଗୀଙ୍କ ଚିକିତ୍ସା କେଉଁଠାରେ ହେବ? ବର୍ତ୍ତମାନର ସ୍ଥିତି ଏହା ଯେ, କୌଣସି ରୋଗୀ ଆସିଲେ ସେମାନଙ୍କୁ ତୁରନ୍ତ ରେଫର କରି ଦିଆଯାଉଛି। ତେବେ ସର୍ଜରୀ ବିଭାଗରେ ଅସ୍ଥିଶଲ୍ୟ ଓ ପୋଡ଼ା ରୋଗୀଙ୍କ ଚିକିତ୍ସା ଚାଲିଥିବାର ଦାବି କରାଯାଉଥିଲେ ମଧ୍ୟ ଏହା କେତେଦୂର ସୁରକ୍ଷିତ ଓ ସମ୍ପୂର୍ଣ୍ଣ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଉଛି। ବିଶେଷଜ୍ଞଙ୍କ ମତରେ, ପୋଡ଼ା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଏବଂ ସମ୍ପୂର୍ଣ୍ଣ ନିରାପଦ ପରିବେଶ ଆବଶ୍ୟକ ହୋଇଥାଏ, ଯାହା ସାଧାରଣ ସର୍ଜରୀ ଓ୍ୱାର୍ଡରେ ମିଳିବା କଷ୍ଟକର।

## ରାଜପଥରେ ବେଆଇନ ପାର୍କିଂ

# କେବେ ସନ୍ତୋଷଜନକ ହେବ କାର୍ଯ୍ୟାନୁଷ୍ଠାନ

**ବାଲେଶ୍ୱର:** ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ଏବେ ପୁଣି ଥରେ ବେଆଇନ ପାର୍କିଂର କେନ୍ଦ୍ରବିନ୍ଦୁ ପାଲଟିଛି। ସୁପ୍ରିମକୋର୍ଟଙ୍କ କଠୋର ନିର୍ଦ୍ଦେଶ ସତ୍ତ୍ୱେ ରାଜପଥର ବିଭିନ୍ନ ସ୍ଥାନରେ ଯାନବାହାନଗୁଡ଼ିକ ଅନିୟମିତ ଭାବେ ଠିଆ ହୋଇ ରହୁଥିବା ଦେଖିବାକୁ ମିଳୁଛି, ଯାହା ସାଧାରଣ ଯାତ୍ରୀଙ୍କ ସୁରକ୍ଷା ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି। ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏହି ବେଆଇନ ପାର୍କିଂ ହଟାଇବା ପାଇଁ ୬୦ ଦିନର ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଏହି ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଥିଲା ଏବଂ ଅନେକ ଗାଡ଼ି ମାଲିକଙ୍କ ଉପରେ ଜରିମାନା ମଧ୍ୟ ଲଗାଯାଇଥିଲା। ସୋସିଆଲ ମିଡିଆରେ ଏହି ଚଢ଼ାଉର ବ୍ୟାପକ ପ୍ରଚାର କରାଯାଇ ପ୍ରଶାସନ କିଛି ପରିମାଣରେ ସକ୍ରିୟ ଥିବାର ଭ୍ରମ ସୃଷ୍ଟି କରାଯାଇଥିଲା, ମାତ୍ର ପରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ହୋଇଗଲା। ପୁଣି ଥରେ ପୂର୍ବଭଳି ସମାନ ପରିସ୍ଥିତି ସୃଷ୍ଟି ହେଉଛି, ଯାହା ପ୍ରଶାସନର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।



ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଜାତୀୟ ରାଜପଥରେ ଗାଡ଼ି ରଖିବାକୁ ନେଇ ରହିଥିବା ନିୟମକୁ କେତେକ ପ୍ରଭାବଶାଳୀ ନେତା ଓ ସେମାନଙ୍କ ସମ୍ପର୍କୀୟମାନେ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଉକ୍ତ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ଗାଡ଼ିଗୁଡ଼ିକ ରାଜପଥ କଡ଼ରେ ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହୁଥିଲେ ମଧ୍ୟ ବିଭାଗୀୟ କର୍ମଚାରୀମାନେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ଏହି ପକ୍ଷପାତିତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ସାମ୍ବାଦିକ ଭାବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ପରିବହନ ବିଭାଗର କର୍ମଚାରୀମାନେ ନିୟମ ଉଲ୍ଲଂଘନକାରୀଙ୍କୁ ଛାଡ଼ିଦେଇ କେବଳ ସାଧାରଣ ଗାଡ଼ି ଚାଳକଙ୍କୁ ଟାର୍ଗେଟ କରୁଛନ୍ତି, ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ କିପରି?

ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବିଭାଗ ପକ୍ଷରୁ ସେହି ଅଞ୍ଚଳରେ ଏକାଧିକ ଥର ଚଢ଼ାଉ କରାଯାଇଛି। କିଛି ଚାଳକ କେବଳ ଚା' ପିଇବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅଳ୍ପ ସମୟ ଗାଡ଼ି ଛିଡ଼ା କରୁଥିବାରୁ କର୍ମଚାରୀମାନେ କୋହଳ ମନୋଭାବ ପୋଷଣ କରାଯାଉଛି। କେବଳ ଚଢ଼ାଉ ନୁହେଁ, ବରଂ ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଅତ୍ୟାଧୁନିକ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା, ଜିପିଏସ୍ ଭିତ୍ତିକ ନଜର ଏବଂ ଇ-ଚାଲାଣ ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା କରାଯାଉଛି ବୋଲି ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଏହା ବ୍ୟତୀତ 'ଜିଲ୍ଲା ହାଇଓ୍ୱେ ସୁରକ୍ଷା ଫୋର୍ସ' ଗଠନ କରିବା ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି। କିନ୍ତୁ ପ୍ରଶ୍ନ ହେଉଛି, ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କେତେଦୂର ପାଳନ ହେଉଛି ଏବଂ ସାଧାରଣ ଲୋକଙ୍କ ପାଇଁ ରାଜପଥ କେବେ ସମ୍ପୂର୍ଣ୍ଣ ସୁରକ୍ଷିତ ହେଉଛି, ତାହା ଦେଖିବାକୁ ବାକି ରହିଲା।

# ନାଳ ସଫା ନହେଲେ ନର୍ଦ୍ଦମା ପାଣିରେ ବୁଡ଼ିବ ବାଲେଶ୍ୱର

**ବାଲେଶ୍ୱର:** ବାଲେଶ୍ୱର ସହରର ବିକାଶ ତଥା ରାସ୍ତା ସମ୍ପ୍ରସାରଣ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିକଟରେ କରାଯାଇଥିବା ବ୍ୟାପକ ଉଚ୍ଛେଦ ପ୍ରକ୍ରିୟା ଏବେ ସହରବାସୀଙ୍କ ପାଇଁ ଏକ ନୂତନ ବିପଦର କାରଣ ପାଲଟିଛି। ବିଶେଷ କରି ଅରଡ଼ବଜାର ଅଞ୍ଚଳରେ ଦୀର୍ଘ ଦିନ ଧରି ରହିଆସିଥିବା ଜବରଦଖଲକୁ ହଟାଇବା ପ୍ରଶାସନର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ, ଉଚ୍ଛେଦ ପରବର୍ତ୍ତୀ ସଫେଇ ଏବଂ ପରିଚାଳନାରେ ଥିବା ଘୋର ତ୍ରୁଟି ଯୋଗୁଁ ସାଧାରଣ ଲୋକଙ୍କ ଚିନ୍ତା ବହୁଗୁଣିତ ହୋଇଛି। ବାଲେଶ୍ୱର-ପୁଗ୍‌ଲାଡ଼ି ରାସ୍ତା କଡ଼ରେ ଥିବା ଘର ଓ ଦୋକାନଗୁଡ଼ିକୁ ଭାଙ୍ଗିଦିଆଯିବା ପରେ ସେଥିରୁ ବାହାରିଥିବା ଭଙ୍ଗା ସାମଗ୍ରୀ, ମାଟି, ଇଟା ଏବଂ ସିମେଣ୍ଟ ଆଦିକୁ ସଠିକ୍ ଭାବରେ ସ୍ଥାନାନ୍ତର କରାଯାଇନାହିଁ। ଫଳସ୍ୱରୂପ, ଏହି ସମସ୍ତ ବର୍ଜ୍ୟବସ୍ତୁ ସିଧାସଳଖ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍ ବା ମୁଖ୍ୟ ନାଳ ଭିତରେ ପଡ଼ି ଜଳ ନିଷ୍କାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଅବରୋଧ କରିଦେଇଛି। ଆଗକୁ ମୌସୁମୀ ଆସୁଥିବା ବେଳେ ବର୍ଷା ପୂର୍ବରୁ ଏହି ନାଳଗୁଡ଼ିକୁ ଯୁଦ୍ଧକାଳୀନ



ଭିତ୍ତିରେ ସଫା ନକରାଗଲେ ଅଧା ବାଲେଶ୍ୱର ସହର ଜଳମଗ୍ନ ହୋଇ ବୁଡ଼ିଯିବାର ଏକ ଭୟାବହ ଆଶଙ୍କା ଦେଖାଦେଇଛି।

ସ୍ଥାନୀୟ ବାସିନ୍ଦା ଏବଂ ବ୍ୟବସାୟୀଙ୍କ ଅଭିଯୋଗ ଅନୁଯାୟୀ, ଅରଡ଼ବଜାର ଅଞ୍ଚଳର ଭୌଗୋଳିକ ସ୍ଥିତି ଏପରି ଯେ ସାମାନ୍ୟ ବର୍ଷା ହେଲେ ମଧ୍ୟ ଏଠାରେ ପାଣି ଜମିବାର ସମସ୍ୟା ପୂର୍ବରୁ ଲାଗିରହିଥିଲା। ବର୍ତ୍ତମାନ ନାଳଗୁଡ଼ିକ ମାଟି ଓ ଆବର୍ଜନାରେ ପୋତି ହୋଇପଡ଼ିଥିବାରୁ ପରିସ୍ଥିତି ଆହୁରି ସଙ୍ଗିନ ହେବାର ସମ୍ଭାବନା ରହିଛି। କେବଳ ଅରଡ଼ବଜାର ନୁହେଁ, ବରଂ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ଠାରୁ ଆରମ୍ଭ କରି ରେମୁଣା ଗୋଲେଇ ପର୍ଯ୍ୟନ୍ତ ଏହି ସମସ୍ୟାର ସିଧାସଳଖ ପ୍ରଭାବ ପଡ଼ିବ। ଯଦି ଜଳ ନିଷ୍କାସନ ପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ, ତେବେ ବର୍ଷା ଜଳ ନିଷ୍କାସିତ ହୋଇନପାରି ରାସ୍ତା ଉପରେ ଲହଡ଼ି ମାରିବା ସହ ସ୍ଥାନୀୟ ଲୋକଙ୍କ ଘର ଏବଂ ଦୋକାନ ବଜାର ଭିତରେ ପଶିଯିବ। ଏହାଦ୍ୱାରା ସହରରେ ଏକ ଅଭାବନୀୟ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ନେଇ ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପ୍ରଶାସନର ଏଭଳି ଅଦୂରଦର୍ଶିତା ଏବଂ ଦାୟିତ୍ୱହୀନତା ଯୋଗୁଁ ଲୋକମାନେ ନିଜର ବ୍ୟବସାୟ ଓ ଜୀବନଜୀବିକାର ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ ଯେ, ବହୁ ଦିନ ଧରି ଅଟକି ରହିଥିବା ଅରଡ଼ବଜାରର ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ପୁଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ କାର୍ଯ୍ୟକାରୀ କରାଯାଇଥିଲା। ଦୀର୍ଘ ଦିନର ଏହି ଜବରଦଖଲ ହଟାଇବା ଅଭିଯାନରେ ୨୦୦ରୁ ଅଧିକ ଛୋଟବଡ଼ ଦୋକାନ ଏବଂ ବାସଗୃହକୁ ମାଟିରେ ମିଶାଇ ଦିଆଯାଇଥିଲା। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ସହରର ଭିତ୍ତିଭୂମି ବିକାଶ ପାଇଁ ନିହାତି ଆବଶ୍ୟକ ହୋଇଥିଲେ ମଧ୍ୟ ସ୍ଥାନୀୟ ଲୋକେ ଡ୍ରେନେଜ୍ ବ୍ୟବସ୍ଥାକୁ ସମାନ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ବିକାଶ ନାମରେ ସାଧାରଣ ଲୋକଙ୍କୁ ଜଳବନ୍ଦୀ ଅବସ୍ଥାକୁ ଠେଲିଦେବା କଦାପି ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ତେଣୁ ରାସ୍ତା କାମ ଆଗେଇବା ପୂର୍ବରୁ ତୁରନ୍ତ ନାଳ ସଫେଇ କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଜନସାଧାରଣ ପ୍ରଶାସନ ନିକଟରେ ଦୃଢ଼ ନିବେଦନ କରିଛନ୍ତି।

This Periodical is published by Ranjita Das from Tulanka Sahi, VTC. : Baleshwar Sadar, P.O.: Motiganj, Dist-Baleshwar, PIN-756003, Odisha, E-mail: pradeshbartta@gmail.com, Mobile: 9777776304, on behalf of Ranjita Das, edited by Ranjita Das and Printed by Sudhir Kumar Panda at Gayatri Industries, TS 3/193, Mancheswar Industrial Estate, Khorda, Odisha-751010

ସମ୍ପାଦକ: ରଞ୍ଜିତା ଦାସ

Editor: Ranjita Das